READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ ସଂଖ୍ୟା-୦୫ ୧୦ - ୧୬ ଫେବୃଆରୀ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-05 10th - 16th FEBRUARY, 2020 BHUBANESWAR ₹ 5/- (8 Pages)

### ଧଳା ଜହରର କଳା ବେପାର

# କେବେ ସାବାଡ ହେବେ ନିଶା ମାଫିଆ

**ଭୁବନେଶ୍ୱର, (ତାରକ ମହାନ୍ତି) :** କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଓ କମିଶନରେଟ୍ ପୋଲିସର ସ୍ପେଶାଲ ଡ୍ରାଇଭ୍ ପରେ ରାଜଧାନୀରେ ବ୍ରାଉନ୍‌ସୁଗାର ବେପାରୀଙ୍କ ଚେର ଅନେକ ଆଡେ ମାଡି ଯାଇଥିବା ଜଣାପଡିଛି। ଏପରିକି ଏହି କାରବାରରେ ଗ୍ୟାଙ୍ଗଷ୍ଟର ଏବଂ ବାଂଲାଦେଶର ଲିଙ୍କ୍ ଥିବା ପଦାକୁ ଆସିବା ପରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଏହା ଉପରେ ଅଧିକ ଫୋକସ କରିଛି। ଯେଉଁଥିପାଇଁ ଅଧିକରୁ ଅଧିକ ନିଶା ମାଫିଆ ଜାଲରେ ପଡୁଛନ୍ତି। ନିଶା ମାଫିଆଙ୍କୁ ସାବାଡ କରିବା ପାଇଁ ପୋଲିସ ଡିଜି ଅଭୟ କଡା ଆଭିମୁଖ୍ୟ ମଧ୍ୟ ଗ୍ରହଣ କରିଥିବା ସୂଚନା ମିଳିଛି। ଡିଜିପି କହିଛନ୍ତି ଯେ, ବ୍ରାଉନ୍‌ସୁଗାର, ଗଞ୍ଜେଇ, କଫ୍‌ସିରଫ ଆଦି ନିଶା ଦ୍ରବ୍ୟର ବେଆଇନ କାରବାର କରୁଥିବା ନିଶା ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ। ଡିଜିପିଙ୍କ ଏଭଳି ଆଭିମୁଖ୍ୟ ନିଶ୍ଚୟ ପ୍ରଶଂସାଯୋଗ୍ୟ। କାରଣ ନିଶା ମାଫିଆଙ୍କ ପାଇଁ ବହୁ ଯୁବକ ଓ ଯୁବତୀ ଅବାଟରେ ଯାଉଛନ୍ତି। ଯେଉଁଥିପାଇଁ ସମାଜରେ ଅପରାଧର ହାର ବଢ଼ିବା ସହିତ ବ୍ୟଭିଚାର ମଧ୍ୟ ବଢ଼ିଚାଲିଛି। ପୋଲିସ ଚଢ଼ାଉ ଯେତେ ଅଧିକ ହେଉଛି ନିଶା ବେପାରୀଙ୍କ ନୂଆ ଗୁମର ସେତେ ସେତେ ସାମ୍ନାକୁ ଆସୁଛି। ଯାହାଫଳରେ ନିଶା ମାଫିଆ, ବେପାରୀ ଓ ଗ୍ରାହକ ମଧ୍ୟ ଗିରଫ ହେଉଛନ୍ତି। ନିକଟରେ ବରମୁଣ୍ଡା ଅଞ୍ଚଳରୁ ଦୁଇଜଣ ବେପାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୫୦ ଗ୍ରାମ, ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଉପରସାହି ଓ ମଞ୍ଚେଶ୍ୱର ଥାନା



ରୋକଟା ଅଞ୍ଚଳରୁ ଦୁଇଜଣ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩୩.୭ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ତେବେ ଏଭଳି କାରବାରର ପେଣ୍ଠସ୍ଥଳ କୁହାଯାଉଥିବା ରାଜଧାନୀର ହଳଦିପଡିଆ ଚର୍ଚ୍ଚାରେ ଥିଲା ବେଳେ ଏବେ ଏହା ସମଗ୍ର ଭୁବନେଶ୍ୱରକୁ ଗ୍ରାସ କରିଥିବା ସୂଚନା ମିଳୁଛି। ପ୍ରଶ୍ନ ଉଠୁଛି ନିଶା ମାଫିଆଙ୍କ ଏଭଳି କାରବାର ପଛରେ ହାତ କାହାର। ବାଂଲାଦେଶରୁ ଓଡ଼ିଶା ପହଞ୍ଚୁଥିବା ବ୍ରାଉନ୍‌ସୁଗାର ସମ୍ପର୍କରେ ଏବେ ଖବର ମିଳିବା ପରେ ପୋଲିସ ତତ୍ପର ହୋଇଉଠିଲା ନା ଆଗରୁ ପୋଲିସ ନିକଟରେ ଏ ଖବର ଥିଲା। ରାଜଧାନୀର ଯେଉଁ ଯେଉଁ ଅଞ୍ଚଳରେ ଚୋର ନିଶା କାରବାର ଚାଲିଛି ସେ ସମସ୍ତ ଅଞ୍ଚଳରେ ଥିବା ଥାନା ଗୁଡିକ ନିକଟରେ ଏହି ନିଶା ମାଫିଆଙ୍କ ଖବର ନିଶ୍ଚୟ ପହଞ୍ଚୁଥିବ। ହେଲେ ନିୟମିତ କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ଏମାନଙ୍କ କାୟା ବିସ୍ତାର ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ମଧ୍ୟ ହେଉଛି। କିଛି ଲୋକ ମଧ୍ୟ ଅଭିଯୋଗ କରୁଛନ୍ତି ଯେ, ପାଉଣା ଦେଇ ନିଶା ବେପାରୀମାନେ ସେମାନଙ୍କ କାରବାର ବଢ଼ାଉଛନ୍ତି। ଯେଉଁଥିପାଇଁ ବଡ ବେପାରୀଙ୍କ ଠାରୁ ଛୋଟ ବେପାରୀଙ୍କ ନିକଟରେ ଧଳା ଜହର ପହଞ୍ଚୁଥିଲେ ବି ପୋଲିସ ଏହାର ଟେର ପାଉନି। ସୂଚନା ଅନୁଯାୟୀ କିଛି ନିଶା ବେପାରୀଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ମଧ୍ୟ ଗଡୁଛି। ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଏମାନେ ଅବାଧରେ ନିଶା କାରବାର କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରୁଛନ୍ତି। ଏଭଳି ନିଶା ବେପାରୀଙ୍କ ପାଇଁ ଆଜିର ଯୁବପିଢ଼ି ପଥଭ୍ରଷ୍ଟ ହେବାକୁ ବସିଛନ୍ତି। କେଉଁଠି ରାତି ଅଧରେ ଚୋର ବିଦେଶୀ ମଦ ମିଳୁଛି ତ ଆଉ କେଉଁଠି ଧଳା ଜହରର ପୁଡିଆ। ଚନ୍ଦ୍ରଶେଖରପୁର ଅଞ୍ଚଳର କିଛି ପାନ ଦୋକାନରେ ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ଖବର ମିଳୁଛି। କେତେକ ପାନ ଦୋକାନୀ ରାତି ୧୨ଟା ପର୍ଯ୍ୟନ୍ତ ଦୋକାନ ଖୋଲି ଏଭଳି କାରବାର କରୁଛନ୍ତି। ପୋଲିସ ପାଟ୍ରୋଲିଂ ହେଉଥିଲେ ମଧ୍ୟ ପୋଲିସକୁ ଭୟ କରୁନାହାନ୍ତି ଏହି ନିଶା ବେପାରୀ। ଏମାନଙ୍କ ବେପାର କାଇଦା ଟିକେ ଭିନ୍ନ ପ୍ରକାରର। କାରଣ ଦୋକାନ ଭିତରେ ନିଶାଦ୍ରବ୍ୟ ରଖିଲେ ଧରାପଡିବାର ଭୟ ଥିବାରୁ ନିକଟରେ ସ୍କୁଟି ରଖି ତା'ଭିତରେ ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ବେପାର ଚାଲିଛି। ଏଥିରେ ଜଣେ ପୋଲିସ କନେଷ୍ଟବଳଙ୍କ ହାତ ରହିଛି ବୋଲି ସାଧାରଣରେ ଚର୍ଚ୍ଚା। ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ସେମାନଙ୍କ ନିକଟରେ ଏହି ନିଶାଦ୍ରବ୍ୟ ପହଞ୍ଚାଉଛନ୍ତି ନିଶା ବେପାରୀ। ତେଣୁ ନିଶା ବେପାରୀ ସାବାଡ ନହେଲେ ସମାଜରେ ଅରାଜକତା ବଢ଼ିଚାଲିବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ୯ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

# ମୃତ କର୍ମଚାରୀଙ୍କ ପରିବାରକୁ କେବଳ ଗ୍ରୁପ୍-ଡି ଚାକିରି



**ଭୁବନେଶ୍ୱର :** ଏଣିକି ସରକାରୀ ଚାକିରିରେ ଥାଇ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ଗ୍ରୁପ୍-ଡି ପଦବୀରେ ନିଯୁକ୍ତି ମିଳିବ। ସଂପୃକ୍ତ ପରିବାରର ପ୍ରତିପୋଷଣ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଓଡ଼ିଶା ବେସାମରିକ ସେବା (ପୁନଃ ଥଇଥାନ ସହାୟତା) ନିୟମାବଳୀ ୧୯୯୦ ଅନୁଯାୟୀ ରି-ହାବିଲିଟେସନ୍ ମାମଲାଗୁଡ଼ିକରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ ପଦବୀରେ ଅନୁକମ୍ପାମୂଳକ ନିଯୁକ୍ତ ପ୍ରଦାନ କରାଯାଉଥିଲା। ମାତ୍ର ଏହି ବ୍ୟବସ୍ଥାରେ ଅନେକ ଆବେଦନକାରୀ ନିଯୁକ୍ତିରୁ ବଞ୍ଚିତ ହେଉଥିବାରୁ ରାଜ୍ୟ ସରକାର ଏହି ଆଇନରେ ପରିବର୍ତ୍ତନ କରିଛନ୍ତି। ଓଡ଼ିଶା ବେସାମିରିକ ସେବା ନିୟାମାବଳୀ ୨୦୨୦ ଅନୁଯାୟୀ ଏଣିକି ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ କେବଳ ଗ୍ରୁପ-ଡି ପଦବୀରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ଗ୍ରୁପି -ଡିରେ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରାଖାଯିବ। ଏହି ପ୍ରସ୍ତାବ ସହିତ ବିଭିନ୍ନ ବିଭାଗର ୯ ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ବସିଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଥିଲେ ଯେ ଓଡ଼ିଶା ଶିକ୍ଷା ଅଧିନିୟମ ସଂଶୋଧନ ➤ ପୃ-୬

## ୧.୫୩ଲକ୍ଷ କୋଟି ଛୁଇଁବ ବଜେଟ

**ଭୁବନେଶ୍ୱର :** ୨୦୨୦-୨୧ ଆର୍ଥିକ ବର୍ଷର ବଜେଟ ୧ ଲକ୍ଷ ୫୩ ହଜାର କୋଟି ଛୁଇଁବ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ଚିଠା ପ୍ରସ୍ତାବକୁ ମଞ୍ଜୁରି ଦେଇଛି।

# ସଞ୍ଜୀବ ପାଣିଗ୍ରାହୀ ହାଇକୋର୍ଟର ନୂଆ ବିଚାରପତି



**କଟକ :** ଆଡଭୋକେଟ ସଞ୍ଜୀବ ପାଣିଗ୍ରାହୀଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ନିଯୁକ୍ତି ମିଳିଛି। ଏ ନେଇ ଆଜି ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ପାଣିଗ୍ରାହୀଙ୍କ ନିଯୁକ୍ତି ପରେ ହାଇକୋର୍ଟର ବିଚାରପତି ସଂଖ୍ୟା ୧୪ରେ ପହଁଚିଛି। ପୂର୍ବରୁ ଜୁଡିସିଆଲ୍ ଅଫିସର ବିଭୁ ପ୍ରସାଦ ରାଉତରାୟ ଏବଂ ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନାମକୁ ସୁପ୍ରିମ୍‌କୋର୍ଟ ➤ ପୃ-୬

# ବୋଡୋ ରାଜିନାମା ଆସାମ ପାଇଁ ନୂତନ ସୂର୍ଯ୍ୟୋଦୟ ଆଣିବ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ହିଂସା ମାର୍ଗରେ ଚାଲିଥିବା ଲୋକମାନେ ବୋଡୋ କ୍ୟାଡରଙ୍କ ଭଳି ଅସ୍ତ୍ରଶସ୍ତ୍ର ତ୍ୟାଗ କରି ମୁଖ୍ୟଧାରାକୁ ଫେରିଆସନ୍ତୁ ବୋଲି ଆଜି ଏକ ଭାବପୂର୍ଣ୍ଣ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆସାମର କୋକ୍ରାଝରଠାରେ ଐତିହାସିକ ବୋଡୋ ରାଜିନାମା ସ୍ୱାକ୍ଷର ଉପଲକ୍ଷେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅଂଶଗ୍ରହଣ



କରିଥିଲେ। ୨୭ ଜାନୁଆରୀ ୨୦୨୦ରେ ଐତିହାସିକ ବୋଡୋ ରାଜିନାମା ସ୍ୱାକ୍ଷରିତ ହେବା ପରେ ଏହା ହେଉଛି ଉତର ପୂର୍ବାଞ୍ଚଳକୁ ତାଙ୍କର ପ୍ରଥମ ଗସ୍ତ। ଉତ୍ତର ପୂର୍ବ ହେଉ କିମ୍ବା ନକ୍ସଲ କ୍ଷେତ୍ର ଅଥବା ଜମ୍ମୁ ଓ କଶ୍ମୀର, ଯେଉଁମାନେ ଅସ୍ତ୍ରଶସ୍ତ୍ର ଏବଂ ହିଂସାରେ ବିଶ୍ୱାସ ➤ ପୃ-୬

# ମହାଭିଯୋଗରୁ ଟ୍ରମ୍ପ୍ ମୁକ୍ତ



**ୱାଶିଂଟନ୍ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସିନେଟ୍ ମହାଭିଯୋଗରୁ ଦୋଷମୁକ୍ତ କରିଛି। ତାଙ୍କ ବିରୋଧରେ ଆଗତ ଦୁଇଟି ମହାଭିଯୋଗ ପ୍ରସ୍ତାବ ସିନେଟ୍‌ରେ କାଟ ଖାଇଛି। ଫଳରେ ଦୀର୍ଘ ୯ ମାସ ଧରି ଚାଲିଥିବା ମହାଭିଯୋଗ ପ୍ରସ୍ତାବର ଯବନିକାପାତ ଘଟିଛି। ଏହି ବିଜୟ ଫଳରେ ରାଷ୍ଟ୍ରପତି ଟ୍ରମ୍ପ ଦ୍ୱିତୀୟ ହ୍ୱାଇଟ୍ ହାଉସ୍ ଅଭିଯାନର ପ୍ରଥମ ସୋପାନକୁ ଅତିକ୍ରମ କରିଥିବା ସିନେଟରମାନେ ଆଲୋଚନା କରୁଛନ୍ତି। ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଦୌଡ଼ରେ ସାମିଲ ହେବାମାତ୍ରେ ଟ୍ରମ୍ପଙ୍କୁ ଦୁଇଟି ମହାଅଭିଯୋଗରେ ଛନ୍ଦି ଦିଆଯାଇଥିଲା। ରାଷ୍ଟ୍ରପତିଙ୍କୁ ମହାଭିଯୋଗ ପ୍ରସ୍ତାବରେ ଛନ୍ଦିବା ଅର୍ଥ ସେମାନଙ୍କ ରାଜନୈତିକ ଭବିଷ୍ୟତରେ କଳାଦାଗ ଲଗାଇବା। ଏହି ମହାଭିଯୋଗରୁ ଖସିବା ଅର୍ଥ ରାଷ୍ଟ୍ରପତିଙ୍କ ନୈତିକତାର ବିଜୟ ଘଟିବା। ଡିସେମ୍ବର ୧୮ରେ କଂଗ୍ରେସର ନିମ୍ନ ସଦନରେ ଡେମୋକ୍ରାଟ୍ ସଭ୍ୟ ଅଧିକ ଥିବାସତ୍ତ୍ୱେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଆଗତ ଦୁଇଟିଯାକ ମହାଭିଯୋଗ କାଟ ଖାଇଥିଲା। ରାଷ୍ଟ୍ରପତି ନିର୍ବାଚନରେ ପ୍ରତିପକ୍ଷ ବିଡେନଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିବା ସମ୍ପର୍କିତ ମହାଭିଯୋଗ ପ୍ରସ୍ତାବରୁ ଦୋଷମୁକ୍ତ କରିବା ପାଇଁ ୧୦୦ ସଭ୍ୟବିଶିଷ୍ଟ ସିନେଟ୍‌ରେ ଟ୍ରମ୍ପଙ୍କୁ ୫୨-୪୮ ଭୋଟ ମିଳିଥିଲା। ରିପବ୍ଲିକାନ୍ ସିନେଟର୍ ମିଟ୍ଟ ରୁମ୍ନୀ ➤ ପୃ-୬

## ବକ୍ରବାଣୀ



ଗରୀବ ଗୁରୁବା ଖୁସିରେ ଥାଅ
ଟଙ୍କାରେ କେଜିଏ ଚାଉଳ ପାଅ
ଦେଶୀମଦ ପେଟେ ନିଇତି ପିଅ
ନିଶା ହେଇଗଲେ ଭାଟିରେ ଶୁଅ
ପିଲାଛୁଆ ତୁମ ଗୋଡି ଖଟନ୍ତୁ
ନେତାଙ୍କ ମୁହଁରେ ହସ ଫୁଟାନ୍ତୁ
ମନ ଉଣା ତୁମେ କରନା କେବେ
ନିର୍ମଳ ଶାସନ ପାଉଚ ଯେବେ
ତୁମ ଭଲ ମନ୍ଦ ବୁଝିବା ପାଇଁ
ମାଗଣା ଯୋଜନା ଖଞ୍ଜିଚି ମୁଇଁ।

———— ଟୁଟୁ

# ରେଳ ବଜେଟ : ଗତବର୍ଷ ତୁଳନାରେ ଅନୁଦାନ କମ

### କାର୍ଯ୍ୟକ୍ଷମ ହେବ ହରିଦାସପୁର-ପାରାଦୀପ ରେଳପଥ, ସମ୍ବଲପୁର-ଗୋପାଳପୁର ନୂଆ ରେଳଲାଇନ

**ଭୁବନେଶ୍ୱର :** ପାର୍ଲାମେଣ୍ଟରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଆଗତ ହୋଇଥିବା କେନ୍ଦ୍ରୀୟ ବଜେଟ୍‌ରେ ପୂର୍ବତଟ ରେଳପଥ ପାଇଁ ସମୁଦାୟ ୫,୮୬୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଏଥି ମଧ୍ୟରୁ ଓଡ଼ିଶା ନିମନ୍ତେ ୪,୩୭୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ନୀତି ଆୟୋଗର ମଞ୍ଜୁରୀ ପରେ ମଞ୍ଜୁରୀ ହୋଇଥିବା ନୂଆ ପ୍ରକଳ୍ପ ଗୁଡ଼ିକୁ ମିଳିବ ଅନୁଦାନ। ନୂଆ ରେଳ ଲାଇନ ପାଇଁ ୨୯୫୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଓଭରବ୍ରିଜ, ଅଣ୍ଡର ବ୍ରିଜ୍ ନିର୍ମାଣ ଏବଂ ବିଦ୍ୟୁତକରଣ ପାଇଁ ୧୧୬୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ୨୦୧୯-୨୦ ଆର୍ଥିକ ବର୍ଷ କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶା ପାଇଁ ପୂର୍ବତଟ ରେଳପଥକୁ ୪,୫୯୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଏନ୍‌ଟିପିସିର କୋଲ କରିଡ଼ରକୁ ରେଳ ସଂଯୋଗ ପାଇଁ ଏନ୍‌ଟିପିସି ୧୪୦୦ କୋଟି ଟଙ୍କା ଦେଇଥିଲା। ଏଥର ଏନ୍‌ଟିପିସି କୌଣସି ଅର୍ଥ ଦେଇନାହିଁ। ସମ୍ବଲପୁର-ଗୋପାଳପୁର ୨୪୧ କି.ମି. ନୂଆ ରେଳ ଲାଇନ ନିର୍ମାଣ ପାଇଁ ୨୯୫୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ନୀତି ଆୟୋଗ ମଞ୍ଜୁରୀ ଦେଲେ ତାହା ବ୍ୟୟ କରାଯିବ। ଏହା ବ୍ୟତୀତ ଅନ୍ୟ ସମସ୍ତ ନିର୍ମାଣଧିନ ପ୍ରକଳ୍ପରେ ବିଗତ ଆର୍ଥିକ ବର୍ଷ ଅପେକ୍ଷା ଆଗାମୀ ଆର୍ଥିକ ବର୍ଷ ବଜେଟ୍‌ରେ ଅଧିକ ବ୍ୟୟ ବରାଦ କରାଯାଇଛି । ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥ ନିର୍ମାଣ (୨୮୯ କି.ମି.)



ପାଇଁ ୫୨୦ କୋଟି ଟଙ୍କା ଦିଆଯାଇଥିଲା ବେଳେ ଗତ ବର୍ଷରେ ୩୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏହି ରେଳପଥର ନିର୍ମାଣ ଯଥାଶୀଘ୍ର ଶେଷ କରିବା ପାଇଁ ପ୍ରଧାନ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପ (୯୮.୭କି.) ପାଇଁ ୪୫୦ କୋଟି ଟଙ୍କା ଦିଆଯାଇଥିଲା ବେଳେ ଗତ ବଜେଟ୍‌ରେ ୨୫୦ କୋଟି ଟଙ୍କା ଦିଆଯାଇଥିଲା । ହରିଦାସପୁର-ପାରାଦ୍ୱୀପ ରେଳପଥ ନିର୍ମାଣ (୮୨ କି.ମି.) କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ଶେଷ ହେବାକୁ ଯାଉଥିବାରୁ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତ ବଜେଟ୍‌ରେ ୪୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ସମ୍ବଲପୁର-ତାଳଚେର, ସମ୍ବଲପୁର-ଟିଟିଲାଗଡ଼, ଟିଟିଲାଗଡ଼-ରାୟଗଡ଼ା ଏବଂ ଟିଟିଲାଗଡ଼-ରାୟପୁର ରେଳ ଲାଇନର ଦୋହରୀକରଣ ପାଇଁ ଅନୁରୂପ ଭାବେ ଅର୍ଥ ପରିମାଣକୁ ବୃଦ୍ଧି କରାଯାଇଛି। ତାଳଚେର-ବିମଳାଗଡ଼ (୧୫୪ କି.ମି.) ରେଳ ଲାଇନ ନିର୍ମାଣ ପାଇଁ ୧୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଜୟପୁର-ମାଲକାନଗିରି ➤ ପୃ-୬

### ଗାଇଡ଼ଲାଇନ ପ୍ରସ୍ତୁତ ହେବାର ୧୫ମାସ ବିତିଲା

# ସ୍କୁଲ ବ୍ୟାଗ ବୋଝରୁ ପିଲାଙ୍କୁ ମିଳୁନି ମୁକ୍ତି

**ଭଦ୍ରକ,(ବିକାଶ କୁମାର ଧଳ):** ଗତ ୨୦୧୮ ଅକ୍ଟୋବର ୨୦ ତାରିଖରେ ସ୍କୁଲ ବ୍ୟାଗ ପରିବହନ ନେଇ ସରକାରଙ୍କ ତରଫରୁ ଗାଇଡ଼ଲାଇନ ଜାରି କରାଯାଇଥିଲା । ପୁନଃଶ୍ଚ ୨୦୧୯ ମାର୍ଚ୍ଚ ୮ ତାରିଖରେ ସରକାର ଆଉ ଏକ ଗାଇଡ଼ଲାଇନ ପ୍ରସ୍ତୁତ କରି ସ୍କୁଲ ବ୍ୟାଗ ପରିବହନ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ସମସ୍ତ ସ୍କୁଲକୁ ନିର୍ଦ୍ଦେଶ ଦେଇଥିଲେ ଓ ସେହି ବର୍ଷ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ସ୍କୁଲ ବ୍ୟାଗ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏଥିପାଇଁ କମିଟି ଗଠନ କରାଯାଇ ଏହାର ଯାଂଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଏବଂ ନଭେମ୍ବର ମାସ ୧୧ ତାରିଖରୁ ଏହା ଜିଲ୍ଲାରେ କିଛି ପରିମାଣରେ କାର୍ଯ୍ୟକାରୀ ହୋଇଥିବାର ନଜରକୁ ଆସିଥିଲା । କିନ୍ତୁ ଏହି ନିର୍ଦ୍ଦେଶ ନାମା ବନ୍ତ ବ୍ଲକ



ଅଂଚଳରେ ଆଜି ସୁଦ୍ଧା ପାଳନ ହୋଇପାରି ନାହିଁ ଓ ଏହା କେବେ କାର୍ଯ୍ୟକାରୀ ହେବ ଏହି ଚିନ୍ତାରେ ବର୍ତ୍ତମାନ ଅଭିଭାବକମାନେ । ଏଠାରେ ପ୍ରକାଶ ଥାଉକି : - ସରକାର ସ୍କୁଲ ବ୍ୟାଗ ଓଜନ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କି କୁପ୍ରଭାବ ପକାଉଛି ତାହା ହୃଦବୋଧ କରିଥିଲେ ସୁଦ୍ଧା ଏହାର ପାଳନ ଉପରେ କଠୋର ପଦକ୍ଷେପ କେବେ ନେବେ ଏହି ଚିନ୍ତାରେ ଅଭିଭାବକମାନେ । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗତ ୨୦୧୯ ଶିକ୍ଷାବର୍ଷରୁ ଏହା ପାଳନ ହେବା କଥା କିନ୍ତୁ ଇତି ମଧ୍ୟରେ ଆଉ ଏକ ଶିକ୍ଷାବର୍ଷ ଆରମ୍ଭ ହେବାକୁ ବସିଥିଲେ ସୁଦ୍ଧା ବ୍ୟାଗ କଟକଣା ପାଳିତ ନହେବା ଅଭିଭାବକମାନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରି ପକାଇଛି । ଏହା ଏକ ପ୍ରହସନ ବୋଲି ବହୁ ଅଭିଭାବକ ଅଭିଯୋଗ କରୁଛନ୍ତି । ଏଠାରେ ପ୍ରକାଶ ଥାଉକି : କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ସ୍କୁଲ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ଗୃହରେ ଶାନ୍ତି ବଜାୟ ରହିବ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ବୃଷ** — ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ପରିବାରରେ କଳହ ଲାଗିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**ମିଥୁନ** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ।

**କର୍କଟ** — ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**ସିଂହ** — କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**କନ୍ୟା** — କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ତୁଳା** — କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**ବିଛା** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ଧନୁ** — ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**ମକର** — ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**କୁମ୍ଭ** — ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** — ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଏପ୍ରିଲରୁ ରାମ ମନ୍ଦିର ନିର୍ମାଣ ଆରମ୍ଭ

**ନୂଆଦିଲ୍ଲୀ :** ପବିତ୍ର ରାମନବମୀ (ଏପ୍ରିଲ ୨) କିମ୍ବା ଅକ୍ଷୟ ତୃତୀୟ (ଏପ୍ରିଲ ୨୬) ତିଥିରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେବ ବୋଲି 'ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର' ଟ୍ରଷ୍ଟର ଟ୍ରଷ୍ଟି ସ୍ୱାମୀ ଗୋବିନ୍ଦ ଦେବଗିରି ମହାରାଜ ସୂଚନା ଦେଇଛନ୍ତି। ପୁନେଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାମୀ ଗୋବିନ୍ଦ ମହାରାଜ ମନ୍ଦିର ନିର୍ମାଣ କାର୍ଯ୍ୟର ସଠିକ୍ ତାରିଖ ସ୍ପଷ୍ଟ ହୋଇ ନଥିଲେ ବି ଏପ୍ରିଲ ମାସରେ ନିର୍ମାଣ କାମ ଆରମ୍ଭ ହେବ ବୋଲି କହିଛନ୍ତି। ଟ୍ରଷ୍ଟର ପ୍ରଥମ ବୈଠକରେ ତାରିଖ ସ୍ଥିର କରାଯିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୧୫ଜଣିଆ ରାମ ମନ୍ଦିର ଟ୍ରଷ୍ଟ ଘୋଷଣା କରିବାର ଦିନକ ପରେ ସ୍ୱାମୀଜୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ଆସନ୍ତା ୨ ବର୍ଷ ମଧ୍ୟରେ ମନ୍ଦିର ନିର୍ମାଣ ଶେଷ କରାଯିବ ବୋଲି ସ୍ୱାମୀଜୀ କହିଛନ୍ତି। ସୂଚନାଥାଉ କି, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅଯୋଧ୍ୟାରେ ଏକ ରାମ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ଲାଗି ସଂସଦରେ ଏକ ଟ୍ରଷ୍ଟର ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ କହିଛନ୍ତି, "ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆମ ସରକାର ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଗଠନ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ଟ୍ରଷ୍ଟ ଅଯୋଧ୍ୟାରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ସ୍ୱାଧୀନ ଭାବେ ସମସ୍ତ ପ୍ରକାର ନିଷ୍ପତି ନେବ। ପ୍ରଧାନମନ୍ତ୍ରୀ କହିଛନ୍ତି, ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶ ଅନୁଯାୟୀ ସରକାର ଉତର ପ୍ରଦେଶ ସରକାରଙ୍କୁ ପାଞ୍ଚ ଏକର ଜାଗା ସୁନି ୱାକଫ୍ ବୋର୍ଡକୁ ପ୍ରଦାନ କରିବା ଲାଗି ଅନୁରୋଧ କରିଛନ୍ତି ଏବଂ



ରାଜ୍ୟ ସରକାର ଏହି ଅନୁରୋଧ ରକ୍ଷା କରିଛନ୍ତି। ଆମ ସମସ୍ତଙ୍କୁ ଜଣା ଯେ, ପ୍ରଭୂ ଶ୍ରୀରାମ ଏବଂ ଅଯୋଧ୍ୟାର ଭାରତୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ ଏବଂ ଆଦର୍ଶ ଉପରେ ଗଭୀର ପ୍ରଭାବ ରହିଛି। ଭବିଷ୍ୟତରେ ବହୁ ଭକ୍ତ ଶ୍ରୀରାମ ଲାଲାଙ୍କୁ ଶ୍ରଦ୍ଧାସୁମନ ଜଣାଇବା ପାଇଁ ଅଯୋଧ୍ୟା ଆଗମନ କରିବେ। ଏହାକୁ ଦୃଷ୍ଟିରେ ରଖି ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ କରାଯାଉଛି। ଏହା ନିଷ୍ପତି ହୋଇଛି ଯେ, ସମସ୍ତ ୬୭.୭୦୩ ଏକର ଜମିକୁ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ନାମରେ କରିଦିଆଯିବ। ସୁପ୍ରିମ କୋର୍ଟଙ୍କ ଅଯୋଧ୍ୟା ରାୟ ପରେ ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବା ଲାଗି ଦେଶବାସୀଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତବାସୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ପ୍ରକ୍ରିୟା ଉପରେ ଯେଉଁ ଗଭୀର ଆସ୍ଥା ପ୍ରଦର୍ଶନ କରିଛନ୍ତି ସେଥିପାଇଁ ମୁଁ ୧୩୦ କୋଟି ଭାରତୀୟଙ୍କୁ ଅଭିବାଦନ ଜଣାଉଛି। ସମସ୍ତ ଭାରତୀୟ ଗୋଟିଏ ପରିବାର ସଦୃଶ। ଏହାହିଁ ଭାରତର ମହାନ ପରମ୍ପରା। ଆମେ ସମସ୍ତ ଭାରତୀୟଙ୍କ ଖୁସି ଓ ସମୃଦ୍ଧି କାମନା କରୁ। ଆମେ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ମନ୍ତ୍ର ନେଇ ପ୍ରତ୍ୟେକ ନାଗରିକର ବିକାଶ ଦିଗରେ କାର୍ଯ୍ୟରତ।

# ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ପାଇଁ ୬ ମାସରେ ଜମି ଅଧିଗ୍ରହଣ

**ନୂଆଦିଲ୍ଲୀ :** ଅହମ୍ମଦାବାଦ-ମୁମ୍ବାଇ ରୁଟ୍‌ରେ ଦେଶର ପ୍ରଥମ ବୁଲେଟ୍ ଟ୍ରେନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରାରମ୍ଭିକ କାର୍ଯ୍ୟ ଶେଷ ହୋଇଥିଲା ବେଳେ ଖୁବ୍‌ଶୀଘ୍ର ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ। ଦେଶର ରେଳଚଳାଚଳ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଯାତ୍ରୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ମୋଦୀ ସରକାରଙ୍କ ଏହି ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯାଉଛି। ଆସନ୍ତା ୬ ମାସ ମଧ୍ୟରେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ୯୦ ପ୍ରତିଶତ ଅଧିଗ୍ରହଣ କରାଯାଇ ତୁରନ୍ତ ବୃହତ୍ ନିର୍ମାଣ କାର୍ଯ୍ୟ କରାଯିବ ରେଳ ମନ୍ତ୍ରଣାଳୟ ପକ୍ଷରୁ ବୋଲି କୁହାଯାଇଛି। ଏହି ଲକ୍ଷ୍ୟରେ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟ ଲାଗି ଏବଂ ବିଭିନ୍ନ ପ୍ୟାକେଜ୍‌ରେ ଟେଣ୍ଡର ଆହ୍ୱାନ କରାଯାଇସାରିଥିବା ବେଳେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ଖୋଲା କାର୍ଯ୍ୟ ସମ୍ପନ୍ନ



କରାଯିବ ବୋଲି ରେଳବାଇ ବୋର୍ଡ ଅଧକ୍ଷ ଭି କେ ଯାଦବ କହିଛନ୍ତି। ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେବା ବେଳକୁ ନିର୍ମାଣ କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ଟେଣ୍ଡର ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୫୦୮ କିମି ବିଶିଷ୍ଟ ଏହି ରେଳ ପ୍ରକଳ୍ପ ନ୍ୟାସନାଲ ହାଇ ସ୍ପିଡ୍ ରେଲ୍ କର୍ପୋରେସନ(ଏନ୍‌ଏଚ୍‌ଏସ୍‌ଆର୍‌ସିଏଲ୍) ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ବୁଲେଟ୍ ଟ୍ରେନ୍ ଚଳାଚଳ କ୍ଷେତ୍ରରେ ପ୍ରସିଦ୍ଧିଲାଭ କରିଥିବା ଜାପାନର ଇ୫ ସିଙ୍କାନ୍‌ସେନ୍ ବୈଷୟିକ କୌଶଳ ଉପଯୋଗରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ୨୦୧୭ ସେପ୍ଟେମ୍ବରରେ ଶିଳାନ୍ୟାସ କରିଥିବା ବେଳେ ଏହି ପ୍ରକଳ୍ପ ପାଇଁ ମୋଟ ୧.୦୮ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ଏହି ବୁଲେଟ୍ ଟ୍ରେନ ବ୍ୟତୀତ ଦେଶର ଅନ୍ୟ ପ୍ରମୁଖ ଅଞ୍ଚଳରେ ଆଉ ୬ଟି ହାଇସ୍ପିଡ୍ ରେଳ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ଯୋଜନା ଆରମ୍ଭ ହୋଇଛି ବୋଲି କୁହାଯାଇଛି। ଏଥିପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୬ଟି ଡିପିଆର( ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ)କୁ ଅନୁମୋଦନ ଦିଆଯାଇଛି। ଦିଲ୍ଲୀ-ଉଦୟପୁର-ଜୟପୁର-ଅହମ୍ମଦାବାଦ, ଦିଲ୍ଲୀ-ନଏଡା-ଆଗ୍ରା-ଲକ୍ଷ୍ନୌ-ବାରଣାସୀ, ଦିଲ୍ଲୀ-ଚଣ୍ଡିଗଡ଼-ଲୁଧିଆନା-ଜଳନ୍ଧର-ଅମୃତସର, ଚେନ୍ନାଇ-ବେଙ୍ଗାଲୁରୁ-ମହୀଶୂର, ମୁମ୍ବାଇ-ନାସିକ୍-ନାଗପୁର ଏବଂ ମୁମ୍ବାଇ-ପୁନେ-ହାଇଦ୍ରାବାଦ ସେକ୍ସନ୍‌ରେ ଏହି ନୂତନ କରିଡର ପ୍ରତିଷ୍ଠା କରାଯିବ। ଡିପିଆର୍ ରିପୋର୍ଟ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇସାରିବା ପରେ ଏହି ସବୁ ପ୍ରକଳ୍ପ ପାଇଁ ଅର୍ଥ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଯାଦବ କହିଛନ୍ତି।

## କରୋନାକୁ ନେଇ ଟ୍ରମ୍ପ-ଜିନ୍‌ପିଙ୍ଗଙ୍କ ଫୋନ୍‌ରେ କଥାବାର୍ତ୍ତା

**ବେଜିଂ :** ବିଶ୍ୱର ପ୍ରାୟ ୨୬ ଦେଶରେ ଆତଙ୍କିତ ପରିବେଶ ସୃଷ୍ଟି କରିଥିବା ମାରାତ୍ମକ କରୋନା ଭୂତାଣୁ ସମ୍ପର୍କରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଫୋନ୍‌ରେ କଥାବାର୍ତ୍ତା କରିଥିବା ଜଣାପଡ଼ିଛି। ଚୀନ୍‌ର ଆନ୍ତର୍ଜାତିକ ବାଣିଜ୍ୟ କାରବାର ଉପରେ କରୋନା ଆତଙ୍କର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଉଭୟଙ୍କ ଆଲୋଚନାରୁ ସ୍ପଷ୍ଟ ହୋଇଛି। ଚୀନ୍ ବାହାରେ ପ୍ରାୟ ୨୫ଟି ଦେଶରେ ୨୪୦ କରୋନା ମାମଲା ସାମ୍ନାକୁ ଆସିଛି। ଚୀନ୍‌ର ପ୍ରାୟ ୧୦ କୋଟି ଲୋକଙ୍କୁ କଟକଣାରେ ରହିବାକୁ ବାଧ କରାଯାଇଛି। ସୋସିଆଲ୍ ମିଡିଆ ଜରିଆରେ ଲୋକଙ୍କୁ କରୋନା ଭୂତାଣୁ ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା ଡାକ୍ତର ଲି'ଙ୍କ ପ୍ରତି ଚୀନ୍ ପୁଲିସ ଓ ସରକାରଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ସେଠାକାର ସୁପ୍ରିମକୋର୍ଟ କଡ଼ା ନିନ୍ଦା କରିଛନ୍ତି। କରୋନା ରୋଗୀଙ୍କ ସେବା କରୁଥିବା ଭିତରେ ଖୋଦ୍ ଲି' କରୋନା କବଳରେ ପଡ଼ି ପ୍ରାଣତ୍ୟାଗ କରିଛନ୍ତି। କରୋନା ଭୂତାଣୁ ସହ ପ୍ରାଣପଣେ ଯୁଦ୍ଧ କରିବାକୁ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଆହ୍ୱାନ କରିଛନ୍ତି। ଚୀନ୍‌ର ସଙ୍କଟ କାଳରେ ସେ ଆମେରିକାର ସହାୟତା କାମନା କରିଛନ୍ତି।

## ସେପ୍ଟେମ୍ବରରୁ 'ଚେକ୍ ଟ୍ରଙ୍କେସନ୍' ବ୍ୟବସ୍ଥା: ଆରବିଆଇ

**ମୁମ୍ବାଇ :** ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ସର୍ବଭାରତୀୟସ୍ତରରେ ଚେକ୍ ଟ୍ରଙ୍କେସନ୍ ବ୍ୟବସ୍ଥା ଲାଗୁ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ବ୍ୟବସ୍ଥା ୨୦୧୦ ମସିହାରେ ଆରମ୍ଭ କରାଯାଇଥିଲେ ହେଁ ବର୍ତ୍ତମାନ ଏହି ବ୍ୟବସ୍ଥା କେବଳ କେତେକ ନିର୍ଦ୍ଦିଷ୍ଟ ସହରରେ କାର୍ଯ୍ୟ କରୁଛି। ଫିଜିକାଲ୍ ଚେକ୍ କ୍ଲିୟରାନ୍ସ ବ୍ୟବସ୍ଥା ମାଧ୍ୟରେ ଅର୍ଥ କାରବାର ପାଇଁ ଜଣେ ଗ୍ରାହକଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିବା ବେଳେ ସାଧାରଣତଃ ଏହି ବ୍ୟବସ୍ଥାରେ ସ୍ୱଳ୍ପ ସମୟରେ ଚେକ୍ କ୍ଲିୟରାନ୍ସ ହୋଇଥାଏ। ବର୍ତ୍ତମାନ ଡିଜିଟାଲ କାରବାର ବୃଦ୍ଧି ପାଇଚାଲିଥିବାରୁ ଏହା ସହ ତାଳ ଦେଇ ଏହି ଚେକ୍ ଟ୍ରଙ୍କେସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଛି। ଏଥିସହିତ ବର୍ଦ୍ଧିତ ଡିଜିଟାଲ କାରବାରକୁ ଦୃଷ୍ଟିରେ ରଖି ଆସନ୍ତା ଜୁଲାଇ ସୁଦ୍ଧା ଡିଜିଟାଲ ପେମେଣ୍ଟ ଇଣ୍ଡେକ୍ସ ବ୍ୟବସ୍ଥା କରିବାକୁ ମଧ୍ୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ତେବେ ଚେକ୍ ଟ୍ରଙ୍କେସନ୍ ବ୍ୟବସ୍ଥା କାର୍ଯ୍ୟକାରୀତାକୁ ନେଇ ଗ୍ରାହକମାନେ ସତର୍କ ରହିବା ଦରକାର ବୋଲି କୁହାଯାଇଛି। କାରଣ ଏହି ବ୍ୟବସ୍ଥାରେ ଅଣ-ସିଟିଏସ୍ ଚେକ୍ କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏହାକୁ ନେଇ ୨୦୧୯ ଜାନୁଆରୀ ୧ ତାରିଖରୁ ପ୍ରାୟ ସମସ୍ତ ବ୍ୟାଙ୍କ ଅଣ-ସିଟିଏସ୍ ଚେକ୍ ଇସ୍ୟୁ କରିବା ବନ୍ଦ କରିଦେଇଛନ୍ତି। ଯେଉଁ ଚେକ୍ ଗୁଡିକ ସିଟିଏସ୍-୨୦୧୦ ମାର୍କା ହୋଇନଥିବ ତାହା ଅଣ-ସିଟିଏସ୍ ଚେକ୍ ଭାବେ ବିବେଚିତ ହେବ। ତେଣୁ ଯେଉଁ ଗ୍ରାହକମାନଙ୍କ ନିକଟରେ ଏବେ ମଧ୍ୟ ଏହି ଚେକ୍ ରହିଥିବା ସେଗୁଡିକୁ ବଦଳାଇବା ପାଇଁ ପରାମର୍ଶ ଦିଆଯାଇଛି। ସାଧାରଣତଃ ଚେକ୍ ମାଧ୍ୟରେ ସର୍ବାଧିକ ଅର୍ଥ କାରବାର ହୋଇଥିବାରୁ ଏହା ମାଧ୍ୟମରେ ହେଉଥିବା କାରବାରକୁ ସ୍ୱଳ୍ପ ସମୟ ଏବଂ ତ୍ୱରାନ୍ୱିତ ଢଙ୍ଗରେ କରିବାକୁ ରିଜର୍ଭ ବ୍ୟାଙ୍କ ଗୁରୁତ୍ୱ ଦେଇଛି। ଏଥିସହିତ ସିଟିଏସ୍ ଚେକ୍ ବ୍ୟବସ୍ଥାରେ ରହିଥିବା କେତେକ ଦିଗ ମଧ୍ୟ ସୁରକ୍ଷା ଦିଗରୁ ମହତ୍ତ୍ୱପୂର୍ଣ୍ଣ ରହିଥିବା କୁହାଯାଇଛି।

## 'ଦେଶବ୍ୟାପୀ ଏନ୍‌ଆରସି ଲାଗୁ ହେବାର କୌଣସି ନିଷ୍ପତ୍ତି ହୋଇନାହିଁ'

**ନୂଆଦିଲ୍ଲୀ:** ସାରା ଦେଶରେ ଜାତୀୟ ଭାରତୀୟ ନାଗରିକ ପଞ୍ଜିକା(ଏନଆରଆଇସି) ପ୍ରସ୍ତୁତି ଓ ଲାଗୁ ପାଇଁ କୌଣସି ନିଷ୍ପତି ନିଆଯାଇ ନାହିଁ ବୋଲି ଲୋକସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ। ସରକାର ଏ ସଂକ୍ରାନ୍ତରେ କୌଣସି ନିଷ୍ପତି ନେଇନାହାନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନପିଆର) ପ୍ରସ୍ତୁତି ଏବଂ ସଂଶୋଧନ ସଂକ୍ରାନ୍ତରେ ଲୋକସଭାରେ ଲିଖିତ ଉତର ରଖିଥିଲେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ । ସେ କହିଥିଲେ ଯେ, ଜନସଂଖ୍ୟା ପଞ୍ଜିକାରେ ଜଣେ ବ୍ୟକ୍ତିଙ୍କ ବିବରଣୀ ଏବଂ ସେ ରହୁଥିବା ଗ୍ରାମ କିମ୍ବା ଗ୍ରାମାଂଚଳ, ୱାର୍ଡ ଅଥବା ସହରାଂଚଳର ସୂଚନା ରହିଥାଏ। ପ୍ରଥମ ଥର ପାଇଁ ୨୦୧୦ରେ ଏନପିଆର ପ୍ରସ୍ତୁତ କରାଯାଇଥିଲା ଏବଂ ୨୦୧୫ରେ ଏଥିରେ ସଂଶୋଧନ କରାଯାଇଥିଲା। ନାଗରିକତା ଆଇନ ୧୯୫୫ ଅନ୍ତର୍ଗତ ପ୍ରସ୍ତୁତ ହୋଇଥିବା ନାଗରିକତା ନିୟମ, ୨୦୦୩ (ନାଗରିକ



ପଞ୍ଜିକରଣ ଏବଂ ଜାତୀୟ ପରିଚୟ ପତ୍ର ଜାରି କରିବା)ର ଧାରା -୩ ଅଧୀନ ଉପଧାରା(୪) ଅନୁଯାୟୀ କେନ୍ଦ୍ର ସରକାର ଜନସଂଖ୍ୟା ପଞ୍ଜିକା ପ୍ରସ୍ତୁତ ଏବଂ ସଂଶୋଧନ କରିବା ଲାଗି ନିଷ୍ପତି ନେଇଛନ୍ତି। ଆସାମକୁ ବାଦ ଦେଇ ସାରା ଦେଶରେ ଏପ୍ରିଲରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ଏହି କାର୍ଯ୍ୟ ସଂପାଦନ କରାଯିବ। ଏଥିରେ ସବୁ ଲୋକଙ୍କଠାରୁ ସେମାନେ ରହୁଥିବା ଗାଁ ଓ ସହରାଂଚଳ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏନପିଆର ସଂଶୋଧନ ସମୟରେ ବାଧ୍ୟତାମୂଳକ ଭାବେ ଦସ୍ତାବିଜ ସଂଗ୍ରହ କରାଯିବା ସଂକ୍ରାନ୍ତରେ ଏକ ପ୍ରଶ୍ନର ଉତର ଦେଇ ଶ୍ରୀ ରାୟ କହିଥିଲେ ଯେ, ପ୍ରତ୍ୟେକ ପରିବାର ଓ ବ୍ୟକ୍ତି ବିଶେଷଙ୍କ ଜନସାଂଖ୍ୟିକ ଏବଂ ଅନ୍ୟାନ୍ୟ ସୂଚନା ସଂଗ୍ରହ ତଥା ସଂଶୋଧିତ କରାଯିବ। ଏହି କାର୍ଯ୍ୟ ସମୟରେ କୌଣସି ଦସ୍ତାବିଜ ମଗାଯିବ ନାହିଁ, ସ୍ୱେଚ୍ଛାକୃତ ଭାବେ ଆଧାର ସଂଖ୍ୟା ସଂଗ୍ରହ କରାଯିବ। ଆହୁରି ଏହି କାର୍ଯ୍ୟ ସମୟରେ ଯେଉଁ ନାଗରିକଙ୍କ ନାଗରିକତା ସଂକ୍ରାନ୍ତରେ ସନ୍ଦେହ ସୃଷ୍ଟି ହେବ, ସେମାନଙ୍କର କୌଣସି ଯାଞ୍ଚ କରାଯିବ ନାହିଁ। ସୂଚନାଦାତାମାନେ ସେମାନଙ୍କ ନିଜସ୍ୱ ଜ୍ଞାନ ଓ ବିଶ୍ୱାସ ଆଧାରରେ ଏନପିଆର ସଂଶୋଧନ ପାଇଁ ସୂଚନା ଦେଇପାରିବେ। ଏନପିଆର ପ୍ରସ୍ତୁତି ସଂକ୍ରାନ୍ତରେ ରହିଥିବା ସମସ୍ୟା ଓ ଚିନ୍ତା ଦୂର କରିବା ଲାଗି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରୁଛନ୍ତି।

**ବ୍ୟାଙ୍କିଙ୍ଗ ପରିଚାଳନା ଅଧିନିୟମ ସଂଶୋଧନକୁ କ୍ୟାବିନେଟ୍ ମୋହର**

# ଆରବିଆଇ ଗାଇଡଲାଇନ ଅନୁଯାୟୀ ଅଡିଟ ହେବ

**ନୂଆଦିଲ୍ଲୀ :** ପ୍ରଚଳିତ ବ୍ୟାଙ୍କିଙ୍ଗ ପରିଚାଳନା ଅଧିନିୟମରେ କେତେକ ପରିବର୍ତ୍ତନ ଅଣାଯିବା ସହ ସଂଶୋଧିତ ଅଧିନିୟମକୁ ଅନୁମୋଦନ ଦେଇଛି କେନ୍ଦ୍ର କ୍ୟାବିନେଟ୍। ବିଗତ ଦିନରେ ଦେଶର କେତେକ ପ୍ରମୁଖ ସମବାୟ ବ୍ୟାଙ୍କରେ ହୋଇଥିବା ଘୋଟାଲାକୁ ନେଇ ନିବେଶକାରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲା ବେଳେ ଏଥିପାଇଁ ସରକାରୀ କଳକୁ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସମବାୟ ବ୍ୟାଙ୍କିଙ୍ଗ ପରିଚାଳନା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧନ ଅଣାଯାଇଛି। ନୂତନ ବ୍ୟବସ୍ଥା ଅନୁସାରେ ନିୟମିତ ବ୍ୟାଙ୍କିଙ୍ଗ ପରିଚାଳନା କ୍ଷେତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଯେଉଁ ନୀତିନିୟମ ଗ୍ରହଣ କରାଯାଉଛି ଏଣିକି ସମବାୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ମଧ୍ୟ ଅନୁରୂପ ନୀତି ଅବଲମ୍ବନ କରାଯିବ। ତେବେ ସମବାୟ ବ୍ୟାଙ୍କଗୁଡିକର ପ୍ରଶାସନିକ ଦାୟିତ୍ୱ ଜଣେ ସମବାୟ ରେଜିଷ୍ଟ୍ରାରଙ୍କ ହାତରେ ରହିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ସଂଶୋଧିତ ବ୍ୟାଙ୍କିଙ୍ଗ ଅଧିନିୟମ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ସମବାୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁଦୃଢ କରାଯିବା ସହିତ ସମସ୍ତ କାରବାରକୁ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଏହି ନିୟମରେ ସଂଶୋଧନ କରାଯାଇଛି। ବର୍ତ୍ତମାନ ସାରା ଦେଶରେ ୧୫୪୦ଟି ସମବାୟ ବ୍ୟାଙ୍କ ରହିଥିବା ବେଳେ ପ୍ରାୟ ୮୬ ନିୟୁତରୁ ଊର୍ଦ୍ଧ୍ୱ ଜମାକାରୀ ରହିଛନ୍ତି। ଏଥିସହିତ ସମବାୟ ବ୍ୟାଙ୍କଗୁଡିକରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କା ଜମା ରହିଛି। ତେବେ ନିକଟରେ ପଞ୍ଜାବ ମହାରାଷ୍ଟ୍ର କୋଅପରେଟିଭ୍ ବ୍ୟାଙ୍କ(ପିଏମ୍‌ସି) ଘଟିଥିବା ଘୋଟାଲାକୁ ନେଇ ଯେଉଁ ସ୍ଥିତି ଉପନ୍ନ ହୋଇଥିଲା, ସେଭଳି ଅନ୍ୟ କୌଣସି ସମବାୟ ବ୍ୟାଙ୍କରେ ଯେଭଳି ନଘଟେ



ତାହାକୁ ଗୁରୁତ୍ୱ ଦିଆଯାଇଛି ବୋଲି ଜାଭଡେକର କହିଛନ୍ତି। ବର୍ତ୍ତମାନ ବ୍ୟାଙ୍କିଙ୍ଗ ପରିଚାଳନା ଅଧିନିୟମରେ ଯେଉଁ ସବୁ ପରିବର୍ତ୍ତନ ଅଣାଯାଇଛି ତଦ୍ୱାରା ଏହି କ୍ଷେତ୍ର ବିତ୍ତୀୟ ଦୃଷ୍ଟିରୁ ଅଧିକ ସଶକ୍ତ ହେବ। ଏହାବ୍ୟତୀତ ସମବାୟ ବ୍ୟାଙ୍କଗୁଡିକରେ ଏଣିକି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ରହିବେ। ବ୍ୟବସାୟିକ ବ୍ୟାଙ୍କରେ ଜଣେ ସିଇଓଙ୍କୁ ନିଯୁକ୍ତ କରିବା କ୍ଷେତ୍ରରେ ଯେଉଁଭଳି ରିଜର୍ଭ ବ୍ୟାଙ୍କର ନିୟମାବଳୀକୁ ଅନୁସରଣ କରାଯାଇଥାଏ, ସମବାୟ ବ୍ୟାଙ୍କଗୁଡିକର ସିଇଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସମାନ ନୀତି ପ୍ରବର୍ତ୍ତନ କରାଯିବ। ଏ କ୍ଷେତ୍ରରେ ଜଣେ ସିଇଓଙ୍କ ଯୋଗ୍ୟତା ଏବଂ ଅଭିଜ୍ଞତା ଚୟନ ଲାଗି ରିଜର୍ଭ ବ୍ୟାଙ୍କର ନୀତି ଅନୁସରଣ କରାଯିବ। ଏପରିକି ରିଜର୍ଭ ବ୍ୟାଙ୍କ ଗାଇଡ୍‌ଲାଇନ୍ ଅନୁସାରେ ସମବାୟ ବ୍ୟାଙ୍କଗୁଡିକର ଅଡିଟ୍ ହେବ ଏବଂ କୌଣସି ସମବାୟ ବ୍ୟାଙ୍କ କୌଣସି କାରଣରୁ ଚାପଗ୍ରସ୍ତ ହେଲେ କେନ୍ଦ୍ରୀୟ ବ୍ୟାଙ୍କ ଭାବେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ସଂପୃକ୍ତ ସମବାୟ ବ୍ୟାଙ୍କର ପରିଚାଳନା ବୋର୍ଡକୁ ବାଦ୍ ଦେଇ କାର୍ଯ୍ୟ କରିବେ। ତେବେ ରିଜର୍ଭ ବ୍ୟାଙ୍କର ସମସ୍ତ ଗାଇଡ୍‌ଲାଇନକୁ ପ୍ରଚଳନ କରିବାକୁ ସମବାୟ ବ୍ୟାଙ୍କଗୁଡିକୁ କିଛି ସମୟ ଦିଆଯିବ ବୋଲି ଜାଭଡେକର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସମବାୟ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ବ୍ୟବସାୟ ଦୃଷ୍ଟିରୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖୀ କରିବା ସହିତ ଏ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ପାଇଁ ସୁଯୋଗ ସୃଷ୍ଟି କରିବା, ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆଣିବା, ଅନିୟମିତତା ରୋକିବା ଏବଂ ସର୍ବୋପରି ଜମାକାରୀଙ୍କ ସ୍ୱାର୍ଥରକ୍ଷା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୦-୨୧ ବର୍ଷର ବଜେଟ୍ ଉପସ୍ଥାପନ ବେଳେ ସଂସଦରେ ସୂଚନା ଦେଇଥିଲେ। ସେହି ଅନୁସାରେ ବ୍ୟାଙ୍କିଙ୍ଗ ପରିଚାଳନା ଅଧିନିୟମରେ ଅଣାଯାଇଥିବା ସଂଶୋଧନକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିବା ଜାଭଡେକର କହିଛନ୍ତି। ଏହାବ୍ୟତୀତ ପୂର୍ବରୁ ଡିପୋଜିଟ୍ ଇନ୍ସ୍ୟୁରାନ୍ସ ଆଣ୍ଡ୍ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ ଡିଆଇସିଜିସି) ପକ୍ଷରୁ ସଞ୍ଚୟ ଜମାକାରୀଙ୍କୁ ୧ ଲକ୍ଷ ଟଙ୍କାର ବୀମା ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ଏହାକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଜାଭଡେକର କହିଛନ୍ତି।




# 'ବିଶ୍ୱବାସୀଙ୍କୁ ଅନ୍ତୋଦୟର ବାର୍ତ୍ତା ଦେଉଛି ଯୋରନ୍ଦା ପୀଠ'

**ଭୁବନେଶ୍ୱର :** ୧୪୭ ତମ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା ଆରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟ ବିଜେପି ସଭାପତି ଶ୍ରୀ ସମୀର ମହାନ୍ତି ଯୋରନ୍ଦା ଗସ୍ତ କରି ମହିମା ଗୋସାଇଁଙ୍କ ଝାଡ ଦର୍ଶନ କରିଛନ୍ତି । ସନ୍ଥ ମହିମା ଅଲେଖଙ୍କ ଏହି ପୀଠ ସାରା ବିଶ୍ୱବାସୀଙ୍କୁ ଅନ୍ତୋଦୟର ବାର୍ତା ଦେଉଛି । 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ' ନୀତି ଏବଂ ଆଦର୍ଶରେ ଚାଲିବାର ଆବଶ୍ୟକତା ରହିଛି । ଏହି ମେଳା ଶ୍ରଦ୍ଧାଳୁମାନଙ୍କ ମନରେ ଏକ ନୂଆ ଉତ୍ସାହ ଭରିଛି ଏବଂ ମତେ ସମାଜର ନିମ୍ନ ସ୍ତରରେ ଥିବା ଗରିବ ଲୋକଙ୍କ ପାଇଁ କାର୍ଯ୍ୟକରିବାର ପ୍ରେରଣା ଯୋଗାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଯୋରନ୍ଦା ମେଳାରେ ସାଧୁ ଏବଂ ଶ୍ରଦ୍ଧାଳୁମାନଙ୍କ ପାଇଁ କେନ୍ଦ୍ରସରକାର ସୁବନ୍ଦୋବସ୍ତ କରିଛନ୍ତି । ପାନୀୟ ଜଳ, ଶୌଚାଳୟ, ମେଡିକାଲ, ଆମ୍ବୁଲାନ୍ସ ଏବଂ ରହିବା ପାଇଁ ବଡ ବଡ ଷ୍ଟଲ ଶ୍ରଦ୍ଧାଳୁମାନଙ୍କ ପାଇଁ ଖୋଲାଯାଇଛି । ଶ୍ରୀ ମହାନ୍ତି ମହିମା ସନ୍ନାସୀମାନଙ୍କ ସହ ମେଳା ସମ୍ବନ୍ଧରେ ଆଲୋଚନା କରିବା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ହୋଇଥିବା ବ୍ୟବସ୍ଥା ଗୁଡିକୁ ବୁଲି ଦେଖିଥିଲେ । ଏହି ମେଳାରେ ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଯୋଗରେ କେନ୍ଦ୍ର ସରକାର ଏଠାରେ ସାଧୁ ସନ୍ନ୍ୟାସୀ ଏବଂ ଶ୍ରଦ୍ଧାଳୁମାନଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଶ୍ରଦ୍ଧାଳୁମାନଙ୍କ ପାଇଁ ରହିବାର ବ୍ୟବସ୍ଥା ଠୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ଅନେକ ସୁବିଧା ଯୋଗାଇ ଦେଇଥିବାରୁ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ଧନ୍ୟବାଦ ଜଣାଇଛନ୍ତି । ଯୋରନ୍ଦା ମେଳାଠାରେ ପହଂଚିବା ପୂର୍ବରୁ ଜିଲ୍ଲା ସରର୍କିଟ ହାଉସଠାରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଜିଲ୍ଲା ବିଜେପି ପକ୍ଷରୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ପୂର୍ବତନ ସାଂସଦ ରୁଦ୍ର ପାଣି, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ପୂର୍ବତନ ବିଧାୟକ କୃଷ୍ଣ ପାତ୍ର, ଦିନ୍ଦୋଳ ବିଧାୟକ ପ୍ରାର୍ଥୀ ଅଶୋକ ନାୟକ,କାମାକ୍ଷା ନଗର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମାନନ୍ଦ ଜେନା ପ୍ରମୁଖ ସାମିଲ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଡିଫେନ୍ସ କଲେଜ ପ୍ରତିନିଧି



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକସେବା ଭବନରେ ଜାତୀୟ ପ୍ରତିରକ୍ଷା କଲେଜର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ସାକ୍ଷାତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି । ସେହିପରି ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ 'ମୋ ସରକାର' ଯୋଜନାକୁ ଏହି ପ୍ରତିନିଧି ମଣ୍ଡଳ ଉଚ୍ଚପ୍ରଶଂସା କରିବା ସହ ଜନତାଙ୍କୁ ସେବା ଯୋଗାଇ ଦେବାରେ ୫-ଟି' ଓ 'ମୋ ସରକାର' ଏକ ବିରଳ ମଡେଲ ବୋଲି ମଧ୍ୟ ପ୍ରକାଶ କରିଥିଲେ । ଏୟାର ଭାଇସ ମାର୍ସଲ ବି.ଭି. ଉପାଧ୍ୟାୟଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳରେ ୧୪ଜଣ ବରିଷ୍ଠ ବେସାମରିକ ଓ ସାମରିକ ଅଧିକାରୀ ସାମିଲ ହୋଇଥିଲେ । ଏହି ପ୍ରତିନିଧି ମଣ୍ଡଳ ୫ଦିନିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିବେଶକୁ ନିରୀକ୍ଷଣ କରିବା ସହ ରାଜ୍ୟରେ ଶାସନ ବ୍ୟବସ୍ଥା ଓ ଉନ୍ନୟନ ପ୍ରକ୍ରିୟା କିଭଳି କାର୍ଯ୍ୟକାରୀ ହେଉଛି ଏହାକୁ ଅନୁଧ୍ୟାନ କରୁଛନ୍ତି । ସେହିପରି ଏହି ପ୍ରତିନିଧି ମଣ୍ଡଳ ଜମିଜମା ରେକର୍ଡର କମ୍ପ୍ୟୁଟରରାଇଜ କରଣକୁ ମଧ୍ୟ ପ୍ରଶଂସା କରିଥିଲେ । ଏହି ପ୍ରତିନିଧି ମଣ୍ଡଳରେ ୪ଜଣ ବିଦେଶୀ ରାଷ୍ଟ୍ରର ଅଧିକାରୀ, ୨ଜଣ ମହିଳା ଅଧିକାରୀ, ଜଣେ ଲେଖାଏଁ ଆଇପିଏସ୍ ଓ ଆଇଏଏସ୍ ସାମିଲ ହୋଇଥିଲେ ।

# ରାତି ୧୦ଟାରେ ଉଠିବ ଲିଙ୍ଗରାଜଙ୍କ ମହାଦୀପ

**ଭୁବନେଶ୍ୱର :** ଆସନ୍ତା ୨୧ ତାରିଖରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଜାଗର ଅମାବାସ୍ୟା ପାଳନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ଲିଙ୍ଗରାଜ ମନ୍ଦିର ପ୍ରଶାସନର ନବ ଗଠିତ ଅନ୍ତରୀଣ ନ୍ୟାସ ମଣ୍ଡଳୀର ପ୍ରଥମ ବୈଠକରେ ଆଲୋଚନା ହୋଇଥିଲେ । ବୈଠକରେ ମହାଶିବରାତ୍ରୀ ପର୍ବ ସୁପରିଚାଳନା ସମ୍ପର୍କରେ ଆଲୋଚନା ହୋଇଛି । ପାର୍କିଂ, ସୌନ୍ଦର୍ଯ୍ୟକରଣ, ଆଇନ ଶୃଙ୍ଖଳା, ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଇଛି । ତେବେ ଚଳିତ ଥର ମନ୍ଦିର ଭିତର ସମେତ ମନ୍ଦିର ବାହାରେ ସୌନ୍ଦର୍ଯ୍ୟକରଣ ସ୍ଥାନରେ ଦୀପ ଜାଳିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ସର୍କିଟ୍ ହାଉସରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ପୋଲିସ ଅଧିକାରୀ, ବିଏମସିର ଅତିରିକ୍ତ କମିଶନର ଏବଂ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରିୟଙ୍କାଙ୍କ ପରିବାର ତ୍ୟାଗକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

# ପରିବାରକୁ ମିଳିବ 'ସୁରଜ' ସମ୍ମାନ

**ଭୁବନେଶ୍ୱର :** ମୃତ୍ୟୁ ପରେ କିଡ୍‌ନୀ ଦାନ କରି ୨ଜଣଙ୍କ ଜୀବନ ବଞ୍ଚାଇଥିବା ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ପ୍ରିୟଙ୍କାରାଣୀ ପାତ୍ରଙ୍କ ପରିବାରର ତ୍ୟାଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି । ପ୍ରିୟଙ୍କାଙ୍କ ପରିବାରକୁ 'ସୁରଜ' ଯୋଜନାରେ ସମ୍ମାନିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ସହିତ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସ୍ୱର୍ଗତ ପ୍ରିୟଙ୍କାଙ୍କ ଝିଅର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କଟକ ଏସ୍‌ସିବି ମେଡିକାଲରେ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ କରିଥିବା ଡାକ୍ତର ଟିମ୍‌କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଥାଉ କି, କଟକ ଏସ୍‌ସିବି ମେଡିକାଲରେ ଗତ ସୋମବାର ବିଳମ୍ବିତ ରାତିରେ ପ୍ରଥମଥର ଲାଗି ସଫଳତାର ସହିତ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ଅପରେସନ କରାଯାଇଥିଲା । କିଡ୍‌ନୀ ହରାଇଥିବା ଜଣେ ପୁରୁଷ ରୋଗୀଙ୍କୁ ବଞ୍ଚାଇବାକୁ ଏସ୍‌ସିବିର ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଦୀର୍ଘ ୭ ଘଣ୍ଟାର ଅଭିଯାନ ଚଳାଇଥିଲେ । ଏକ ଦୁର୍ଘଟଣାରେ ଆହତ ହୋଇଥିବା ଦିଗପହଣ୍ଡି ଅଞ୍ଚଳର ପ୍ରିୟଙ୍କାରାଣୀ ପାତ୍ରଙ୍କ ମୃତ୍ୟୁ ପରେ ତାଙ୍କ କିଡ୍‌ନୀକୁ ଉକ୍ତ ବ୍ୟକ୍ତିଙ୍କଠାରେ ପ୍ରତିରୋପଣ କରାଯାଇଥିଲା । ପ୍ରିୟଙ୍କା ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସୋମବାର ରାତିରେ ଆପୋଲୋ ଡାକ୍ତରୀ ଦଳ ପ୍ରିୟଙ୍କାଙ୍କ ବ୍ରେନ୍ ଡେଡ୍ (ମସ୍ତିଷ୍କ ମୃତ) ହୋଇଥିବା ପରିବାର ବର୍ଗଙ୍କୁ ସୂଚନା ଦେଇଥିଲେ । ଝିଅର ମୃତ୍ୟୁ ନେଇ ସୂଚନା ମିଳିବା ପରେ ପରିବାର ଲୋକେ ପ୍ରିୟଙ୍କାଙ୍କ ଅଙ୍ଗପ୍ରତ୍ୟଙ୍ଗ ଦାନ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ ।

### ଆରଟିଓ ପରିସରରେ ଏଜେଣ୍ଟଙ୍କୁ ଥଇଥାନ ପ୍ରସଙ୍ଗ

# ୩ ମାସ ମହଲତ ନେଲେ ରାଜ୍ୟ ସରକାର

**କଟକ :** ଆରଟିଓ ପରିସରରେ ଏଜେଣ୍ଟଙ୍କୁ ଥଇଥାନ କରିବା ପ୍ରସଙ୍ଗରେ ରାଜ୍ୟ ସରକାର ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ୩ ମାସ ମହଲତ ଲୋଡିଛନ୍ତି । ହାଇକୋର୍ଟରେ ଗୁରୁବାର ମାମଲାର ଶୁଣାଣିବେଳେ ରାଜ୍ୟ ସରକାର ଆଉ ଅଧିକ ୩ ମାସ ସମୟ ଆବଶ୍ୟକ ଦର୍ଶାଇ ଆବେଦନ କରିଥିଲେ । ଏହି ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି । ଆରଟିଓ ପରିସରକୁ ଏଜେଣ୍ଟମୁକ୍ତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଏଜେଣ୍ଟ ଉଚ୍ଛେଦ କରିବା ଆରମ୍ଭ କରିଥିଲେ । ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ଏଥିରେ ଏଜେଣ୍ଟମାନଙ୍କୁ ଆରଟିଓ ପରିସରରେ ପୂର୍ବ ପରି ବସିବାକୁ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଥିଲା । ହାଇକୋର୍ଟ ଏପରି ଆବେଦନର ଶୁଣାଣି କରି ଆରଟିଓ ପରିସରରେ ଏଜେଣ୍ଟ ବସିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ । ତେବେ ସେମାନଙ୍କୁ ଯଥା ସମ୍ଭବ ଥଇଥାନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେମାନଙ୍କୁ ପ୍ରସ୍ତାବିତ କିଓସ୍କୋରେ ନିଯୁକ୍ତି ଦେବାକୁ କହିବା ସହ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର୍ସମାନଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ଅଦାଲତ ଆଦେଶ ଦେଇଥିଲେ । ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଆରଟିଓରେ କେତେ ସଂଖ୍ୟକ ଏଜେଣ୍ଟ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରିବାକୁ ହାଇକୋର୍ଟ ରାଜ୍ୟ ପରିବହନ କମିଶନରଙ୍କୁ କହିଥିଲେ । ଏସବୁ ପ୍ରକ୍ରିୟା ଦୁଇମାସ ମଧ୍ୟରେ ଶେଷ ହେବା ଉଚିତ୍ ବୋଲି କହିଥିଲେ । ମାମଲାର ବିବରଣୀ ଅନୁଯାୟୀ କେନ୍ଦ୍ର ସରକାର ମୋଟରଯାନ ଆଇନରେ ସଂଶୋଧନ ଆଣିବା ପରେ ରାଜ୍ୟର ସମସ୍ତ ଆରଟିଓ କାର୍ଯ୍ୟାଳୟରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହାର ଫାଇଦା ନେଇ ଏଜେଣ୍ଟମାନେ ଲାଇସେନ୍ସ କରାଇଦେବାକୁ କହି ଲୋକମାନଙ୍କଠାରୁ ମନଇଚ୍ଛା ଲୁଟି ଚାଲିଥିଲେ । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପରିବହନ ବିଭାଗ ସଚେତନ ହୋଇଥିଲା । ପରେ ଗତ ୨୦୨୦ ମସିହା ସେପ୍ଟେମ୍ବର ୨୭ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରି ସରକାର ରାଜ୍ୟର ସମସ୍ତ ଆରଟିଓ ପରିସରରୁ ଏଜେଣ୍ଟମାନଙ୍କୁ ଉଚ୍ଛେଦ କରିଥିଲେ । ତେବେ ବିଜ୍ଞପ୍ତି ନମାନି ଆରଟିଓ କାର୍ଯ୍ୟାଳୟରେ ଏଜେଣ୍ଟମାନେ ପ୍ରବେଶ କରିବାରୁ ସେମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଗିରଫ କରାଯାଇଥିଲା । ପରେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା । ପେଟପାଟଣା ଦୃଷ୍ଟରୁ ସେମାନଙ୍କୁ ଆରଟିଓ ପରିସରରେ ବସିବାକୁ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇ ଏପରି ମାମଲା ରୁଜୁ ହୋଇଥିଲା । ମାମଲାର ଶୁଣାଣିବେଳେ ସେମାନଙ୍କ ଜୀବିକାକୁ ଅଣଦେଖା କରିହେବ ନାହିଁ ବୋଲି ଅଦାଲତ କହିଥିଲେ ।

# ବସ୍ ଷ୍ଟପ୍‌ରେ ଖୋଲିବ ସପିଂ ମଲ୍

**ଭୁବନେଶ୍ୱର :** ରାଜ୍ୟରେ ଥିବା ବଡ଼ବଡ଼ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଖୋଲିବ ସପିଂ ମଲ୍ । ସବୁ ବସ୍‌ଷ୍ଟାଣ୍ଡର ଉନ୍ନତିକରଣ କରାଯିବା ସହିତ ବସ୍‌ଷ୍ଟାଣ୍ଡଗୁଡ଼ିକୁ ବିଶ୍ୱସ୍ତରୀୟ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । କୁଟ୍ ଏବଂ ଜର୍ମାନୀ ସଂସ୍ଥା ଜିଆଇଜେଡ୍‌ର ମିଳିତ ଉଦ୍ୟମରେ 'ଓଡ଼ିଶାର ପରିବହନ ସେବାର ସୁଗମ ପରିଚାଳନା' ବିଷୟକୁ ନେଇ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିବା ବେଳେ ପ୍ରଥମ ଦିନରେ ମନ୍ତ୍ରୀ ଶ୍ରୀ ଜେନା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ଜେନା କହିଛନ୍ତି ଯେ କୁଟ ଖୁବ୍ କମ୍ ସମୟ ମଧ୍ୟରେ ଲୋକମାନଙ୍କର ବିଶ୍ୱାସଭାଜନ ହୋଇପାରିବା ସହ ସ୍ମାର୍ଟସିଟିରେ ସଫଳତାର ସହ କାମ କରୁଛି । ଠିକ୍ ସେହିପରି ଓଏସ୍‌ଆରଟିସିରେ ମଧ୍ୟ ବସ୍ ସଂଖ୍ୟା ବଢ଼ାଇବା ପାଇଁ ଲକ୍ଷ୍ୟ ରହିଛି । ମୋ ବସ୍ ଭଳି ଓସ୍‌ଆରଟିସି ବ୍ୟାନରରେ ପିପିପି ମୋଡ୍‌ରେ ବସ ବଢ଼ାଇବା ପାଇଁ ପଦକ୍ଷେପ ନିଆଯିବ । ଯାହାଦ୍ୱାରା ଏହି ସେବା ଆହୁରି ଆଗକୁ ବଢ଼ିପାରିବ । ଅନ୍ୟପକ୍ଷରେ ମୋ ବସ୍ ଏବେ ଲୋକମାନଙ୍କର ଗମନାଗମନ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ମନ୍ତ୍ରୀ ଶ୍ରୀ ଜେନା ଖୁସି ଜାହିର କରିଥିଲେ । ବର୍ତ୍ତମାନ ମୋ ବସ୍‌ରେ ଦିନକୁ ୧ଲକ୍ଷ ୩୦ହଜାର ଯାତ୍ରୀ ଯାତ୍ରା କରୁଥିବାର ସେ ସୂଚନା ଦେଇଥିଲେ । ଖୁବ୍‌ଶୀଘ୍ର ମୋ ବସ୍‌ରେ ଆଉ ୧୮୯ଟି ବସ୍ ସାମିଲ କରାଯିବାକୁ ଯୋଜନା ରହିଥିବାବେଳେ ଏଥିରେ ୫୦ଟି ଇ-ବସ୍ ରହିବ । ଯାହାଦ୍ୱାରା ଅଧିକ ରୁଟ୍‌ରେ ମୋ ବସ୍ ସେବା ଆରମ୍ଭ ହେବା ସହଜ ହେବ । ଫଳରେ ଲୋକମାନେ ଅଧିକ ସୁବିଧା ପାଇବା ସହ ମୋ ବସ୍ ସହ ଯୋଡ଼ି ହେବେ ବୋଲି ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କୁଟ୍‌ର ଏମ୍‌ଡି ଅରୁଣ ବୋଥ୍ରା ଉପସ୍ଥିତ ଥିବା କୁଟ୍, ଓଏସ୍‌ଆର୍‌ଟିସି ଏବଂ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରୁ ଆସିଥିବା ପରିବହନ ଅଧିକାରୀମାନଙ୍କୁ ଏହି କାର୍ଯ୍ୟକ୍ରମକୁ କିଭଳି ସମୃଦ୍ଧ କରି ହେବ ସେ ବିଷୟରେ କହିଥିଲେ । ଉଭୟ ସଂସ୍ଥାର ଦାୟିତ୍ୱରେ ଆଗାମୀ ଦିନରେ ଅଧିକରୁ ଅଧିକ ବସ୍ ଚଳାଇ ସୁଗମ ପରିବହନ ସେବା ଦିଆଯିବା ସମ୍ପର୍କରେ ସେ ସୂଚନା ଦେଇଥିଲେ । ମୋ ବସ୍‌ରେ ଭବିଷ୍ୟତରେ ୧ଲକ୍ଷ ୫୦ହଜାର ଯାତ୍ରୀ ଦୈନିକ ଯାତ୍ରା କରିବା ପାଇଁ ପ୍ରୟାସ ଚାଲିଛି ବୋଲି ସେ ସୂଚନା ଦେବାସହ ଆଗାମୀ ୬ ମାସ ଭିତରେ ଏହା ନିଶ୍ଚିତ ଭାବରେ ପୂରଣ ହେବ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଜର୍ମାନୀର ଲଘୁ ପରାଶର ମଧ୍ୟ ବସ୍ ସେବାକୁ କିଭଳି ଉନ୍ନତରୁ ଉନ୍ନତ ମାନ କରାଯିବ ସେନେଇ ଉପସ୍ଥିତ କର୍ମଚାରୀମାନଙ୍କୁ ତଥ୍ୟ ଦେଇଥିଲେ । ସୂଚନା ଥାଉକି ଏହି କାର୍ଯ୍ୟକ୍ରମରେ ଜର୍ମାନୀ ଓ ହଂକଂର ଶ୍ରେଷ୍ଠ ପରିବହନ ବିଶେଷଜ୍ଞମାନେ ଭାଗ ନେଇ ପରବହନ ସେବାକୁ କେମିତି ବଢ଼ାଇ ହେବ ସେ ସମ୍ପର୍କରେ ଆଲୋଚନା କରୁଛନ୍ତି । ଏହି କାର୍ଯ୍ୟକ୍ରମ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ କୁଟ୍, ଓଏସ୍‌ଆର୍‌ଟିସି ଏବଂ ଗଞ୍ଜାମ, ସମ୍ବଲପୁର, ରାଉରକେଲାରୁ ଆସିଥିବା ପ୍ରାୟ ୧୨୦ଜଣ ପରିବହନ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଛନ୍ତି ।

# ଏବେ ଫେରିବନି 'ସୁନ୍ଦରୀ'

**ଭୁବନେଶ୍ୱର :** ସାତକୋଶିଆରୁ ଏବେ 'କାହ୍ନା' ଅଭୟାରଣ୍ୟକୁ ଯିବନି ବାଘୁଣୀ 'ସୁନ୍ଦରୀ' । ମଧ୍ୟପ୍ରଦେଶ କାହ୍ନା ଅଭୟାରଣ୍ୟ ଘୋରେଲାରେ ଏବେ ୨ଟି ବାଘ ଅଛନ୍ତି । ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପରେ 'ସୁନ୍ଦରୀ'କୁ ସ୍ଥାନାନ୍ତର କରାଯିବ ବୋଲି ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ହରିଶଙ୍କର ଉପାଧ୍ୟାୟ ସୂଚନା ଦେଇଛନ୍ତି । ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ୨୦୧୮ ମସିହାରେ ରାଜ୍ୟ ସରକାର ମଧ୍ୟପ୍ରଦେଶର ବାନ୍ଧବଗଡରୁ 'ସୁନ୍ଦରୀ'କୁ ଆଣିଥିଲେ । ପରୀକ୍ଷା ନିରୀକ୍ଷା ପରେ 'ସୁନ୍ଦରୀ'କୁ ସାତକୋଶିଆ ଅଭୟାରଣ୍ୟରେ ଛଡା ଯାଇଥିଲା । ତେବେ 'ସୁନ୍ଦରୀ' ଅଭୟାରଣ୍ୟ କୋର ଏରିଆକୁ ନଯାଇ ଜନବସତି ଆଖପାଖରେ ଘୂରି ବୁଲୁଥିଲା । ସମୟ ସୁବିଧା ଦେଖି ଗୃହପାଳିତ ପଶୁ ଓ ମଣିଷ ଶିକାର କରୁଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ସାତକୋଶିଆ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଗାଁ ଗୁଡିକରେ ଉତ୍ତେଜନା ପ୍ରକାଶ ପାଇଥିଲା । ବାଘୁଣୀ 'ସୁନ୍ଦରୀ' ଫେରାଇ ନିଅ, ନହେଲେ ମାରିଦେବୁ ଗାଁ ଲୋକେ ଏପରି ନାରା



ଦେଇଥିଲେ । ବାଘୁଣୀ 'ସୁନ୍ଦରୀ'କୁ ଫେରାଇନେବା ଦାବି ଦିନକୁ ଦିନ ତୀବ୍ର ହେବାରୁ ଶେଷରେ ରାଜ୍ୟ ସରକାର ଗାଁ ଲୋକଙ୍କ ଦାବି ଆଗରେ ମୁଣ୍ଡ ନୂଆଁଇଥିଲେ । ଆଉ ତା'ପରେ 'ସୁନ୍ଦରୀ'କୁ କାବୁ କରିବା ପାଇଁ ଆରମ୍ଭ କଲେ ଉଦ୍ୟମ । ହେଲେ ବାଘୁଣୀ 'ସୁନ୍ଦରୀ' ଖେଳିଲା ଲୁଚକାଳି ଖେଳ । ବନ ବିଭାଗର କାବୁକୁ ଆସିଲା ନାହିଁ । ଟ୍ରାଙ୍କୁଲାଇଜର ଟିମ୍‌କୁ ଦେଖି କୋର ଏରିଆକୁ ଚାଲିଯାଉଥିଲା ବାଘୁଣୀ 'ସୁନ୍ଦରୀ' । ଶେଷରେ ଯଶୋଦା ମାଧ୍ୟମରେ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜର କରିବାରେ ସଫଳ ହେଲା ବନ ବିଭାଗ । ଏବେ ବାଘୁଣୀ 'ସୁନ୍ଦରୀ' ସାତକୋଶିଆର ରାଇଗୁଡାରେ ଥିବା ସ୍ୱତନ୍ତ୍ର ଏନ୍‌କ୍ଲୋଜର୍‌ରେ ରହିଛି ।

### ରଙ୍ଗ୍ ରୁଟ୍‌ରେ ଗାଡି ଚଳାଉଥିଲେ ସାବଧାନ

# ରାସ୍ତାରେ ଲାଗିବ ସ୍ପାଇକ୍ ବ୍ୟାରିଅର

**ଭୁବନେଶ୍ୱର :** ରଙ୍ଗ ରୁଟ୍‌ରେ ଗାଡି ଚଳାଉଥିଲେ ହୋଇଯାଆନ୍ତୁ ସାବଧାନ । ଏଣିକି ରଙ୍ଗ ରୁଟ୍‌ରେ ଗାଡି ଚଳାଇଲେ ହୋଇଯିବ ଚକା ଲିକ୍ । କାରଣ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ପୁନେ, ହାଇଦ୍ରାବାଦ ପରି ସ୍ପାଇକ୍ ବ୍ୟାରିଅର ଲଗାଇବା ପାଇଁ ନିଷ୍ପତ୍ତି ନେଇଛି କମିଶନରେଟ୍ ପୋଲିସ । ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ୨୪୨ଟି ରଙ୍ଗ୍ ଡ୍ରାଇଭିଂ ସ୍ଥାନ କମିଶନରେଟ୍ ପୋଲିସ ଚିହ୍ନଟ କରିଥିବା ବେଳେ ଏଥିମଧ୍ୟରୁ ୩୨ଟି ସ୍ପର୍ଶକାତର ସ୍ଥାନ ରହିଛି । ଏହି ସ୍ଥାନ ମାନଙ୍କରେ ସ୍ପାଇକ୍ ବ୍ୟାରିଅର ଲଗାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ରଙ୍ଗ ଡ୍ରାଇଭିଂ କାରଣରୁ ଅନେକ ଦୁର୍ଘଟଣା ଘଟିବା ସହିତ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜିଥାଏ । ଏହାକୁ ରୋକିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଏହି ନୂତନ ପଦକ୍ଷେପ ନେବାକୁ ଯାଉଥିବା ଜଣାପଡିଛି । ପୂର୍ବରୁ ପୁନେ, ହାଇଦ୍ରାବାଦ ଓ ନୋଇଡାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ପାଇକ୍ ବ୍ୟାରିଅର୍ ଲଗାଯାଇଛି ।

# ମାର୍ଚ୍ଚରେ ଚୂଡାନ୍ତ ହେବ ଶ୍ରୀକ୍ଷେତ୍ରରେ ଐତିହ୍ୟ କରିଡର ନକ୍ସା

**ଭୁବନେଶ୍ୱର :** ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବରେ ଗଢି ତୋଳିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂକଳ୍ପ ନେଇଛନ୍ତି । ଏହାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ ସରକାର ଦ୍ରୁତ ପଦକ୍ଷେପ ଗ୍ରହଣ କରିଛନ୍ତି । ଶ୍ରୀ ଜୀଉଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ୭୫ ମିଟର ସୁରକ୍ଷା ବଳୟ ସୃଷ୍ଟି କରାଯାଇଛି । ଐତିହ୍ୟ କରିଡର ନିମନ୍ତେ ଏକ ଚିଠା ଆର୍କିଟେକ୍‌ଚ୍ୟୁରାଲ ପ୍ଲାନ ଜାରୀ କରାଯାଇଥିଲା । ଏସମ୍ପର୍କରେ ନିଜ ମତାମତ ଓ ପରାମର୍ଶ ପ୍ରଦାନ ନିମନ୍ତେ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଥିଲା । ଏତିହ୍ୟ କରିଡରର ରୂପରେଖ ସଂକ୍ରାନ୍ତରେ ଇତି ମଧ୍ୟରେ ୬ ଶହରୁ ଉର୍ଦ୍ଧ୍ୱ ମତାମତ ଆସିଛି । ଏସବୁକୁ ଶ୍ରୀମନ୍ଦିର ପ୍ରଶାସନ ତର୍ଜମା କରୁଛି । ଏଥିସହିତ ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ଜଡିତ ବିଭିନ୍ ବ୍ୟକ୍ତି ବିଶେଷଙ୍କ ପରାମର୍ଶ ମଧ୍ୟ ଲୋଡାଯାଇଛି । ସମସ୍ତ ମତାମତକୁ ଅନୁଧ୍ୟାନ କରିବା ପରେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା କିମ୍ବା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ଐତିହ୍ୟ କରିଡରର ନକ୍ସା ଚୂଡାନ୍ତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସକ କିଷନ କୁମାର ସୂଚନା ଦେଇଛନ୍ତି । ପୁରୀ ଐତିହ୍ୟ କରିଡରକୁ ନେଇ ଭୁବେନଶ୍ୱରସ୍ଥିତ ସେତୁ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ପୁରୀ ଗଜପତି ଦିବ୍ୟସିଂହଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ବୃନ୍ଦ, ଶ୍ରୀମନ୍ଦିର ସେବାୟତ, ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକପରେ ଗଣମାଧ୍ୟମକୁ ସୂଚନା ଦେଇ ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଥିଲେ ଯେ ଶ୍ରୀକ୍ଷେତ୍ରର ଐତିହ୍ୟ, ସଂସ୍କୃତି, ମହିମା ଓ ପରମ୍ପରାକୁ ଆଗେଇ ନିଆଯିବ । ପୁରୀର ସୁନାମ କିପରି ଦେଶ ତଥା ସମଗ୍ର ବିଶ୍ୱରେ ପ୍ରଚାର ହେବ ସେ ଦିଗରେ ଧ୍ୟାନ ଦିଆଯିବ । ଐତିହ୍ୟ କରିଡର ସମ୍ପର୍କରେ ସେ କିଛି ପ୍ରସ୍ତାବ ଶ୍ରୀମନ୍ଦିର ପ୍ରଶାସନକୁ ଦେଇଛନ୍ତି । ତାଙ୍କର ସମସ୍ତ ଭାବନାକୁ ଶ୍ରୀମନ୍ଦିର ପ୍ରଶାସନ ନୋଟ୍ କରିଛନ୍ତି ଏବଂ ଗୁରୁତ୍ୱ



ଦେଇଛନ୍ତି । ଐତିହ୍ୟ କରିଡର କାର୍ଯ୍ୟ ହାତକୁ ନେଇ ଥିବା ଭୂମିପୁତ୍ର କମ୍ପାନୀ ଭିଡିଓ ମାଧ୍ୟମରେ ପ୍ରଥମ ଝଲକ ଦେଖାଇଛି । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପୁରୀର ଐତିହ୍ୟ, ସଂସ୍କୃତିରେ ଅନେକ ପରିବର୍ତ୍ତନ ଆସିବ ବୋଲି ଗଜପତି ପ୍ରକାଶ କରିଥିଲେ । ସେହିଭଳି ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାଶମହାପାତ୍ର କହିଥିଲେ ଯେ କରିଡର କିଭଳି ଆଧ୍ୟାତ୍ମିକ ହେବ ସେନେଇ ପ୍ରସ୍ତାବ ଦିଆଯାଇଛି । ବଡଦାଣ୍ଡରେ ଶବକୁ କାନ୍ଧରେ ବୋହି ନେଉଥିବା ବେଳେ ଏହା ସିଂହଦ୍ୱାର ଦେଇ ଯାଇଥାଏ । ତେଣୁ ବଡଦାଣ୍ଡରୁ ସ୍ୱର୍ଗଦ୍ୱାର ଯିବା ନିମନ୍ତେ ଏକ ସ୍ୱତନ୍ତ୍ର ରାସ୍ତା କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ସେହିଭଳି ଯଜ୍ଞ ଶାଳା, ପ୍ରସାଦ ଓ ପଇସା ଦେଇ ଅନ୍ନଦାନ କରୁଥିବା ଲୋକଙ୍କ ନିମନ୍ତେ ସ୍ୱତନ୍ତ୍ର କରିଡର ବା ପାସ ୱେ ନିର୍ମାଣ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ସେହିଭଳି ରଥ ଖଳା ମଧ୍ୟ ଅଲଗା ରହିବ । ଏହି ସମସ୍ତ କାର୍ଯ୍ୟ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ଦାଶମହାପାତ୍ର କହିଛନ୍ତି । ଅପରପକ୍ଷରେ ଐତିହ୍ୟ କରିଡରରେ ଉତ୍କଳୀୟ କଳାକୁ ସ୍ଥାନିତ କରାଯାଇନଥିବାରୁ ବିଶିଷ୍ଟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଐତିହ୍ୟ କରିଡର ପାଇଁ ଭୂମିପୁତ୍ର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଚିଠା ଆର୍କିଟେକ୍‌ଚ୍ୟୁରାଲ ପ୍ଲାନଟି ଅତ୍ୟନ୍ତ ଅତ୍ୟାଧୁନିକ ହୋଇଛି । ଏହି ପ୍ଲାନରେ ଦେଉଳ ଭଳି ସେପ୍ ଦିଆଯାଇଛି । ତେବେ ଏଥିରେ ଉତ୍କଳୀୟ କଳା ନଥିବା ସେ କହିଛନ୍ତି । ଅପରପକ୍ଷରେ ଶ୍ରୀମନ୍ଦିର ପ୍ରଶାସକ କିଷନ କୁମାର କହିଛନ୍ତି ଯେ ଐତିହ୍ୟ କରିଡର ନିମନ୍ତେ ୪ଟି ଦିଗକୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମଟି ହେଲା ଶ୍ରୀମନ୍ଦିର ଚାରିପଟେ ଥିବା ସାହିକୁ ସାହି କିପରି ଯିବା ଆସିବାରେ ସୁବିଧା ହୋଇପାରିବ ସେଥିନିମନ୍ତେ ଏକ ମାଇକ୍ରୋ ପ୍ଲାନିଂ କରାଯିବ । ରଥଯାତ୍ରା ପରମ୍ପରା ବଜାୟ ରଖାଯିବ । ରଥଖଳା ପୂର୍ବଭଳି ବ୍ୟବସ୍ଥିତ ହେବ । ବିଭିନ୍ନ ପର୍ବପର୍ବାଣୀରେ ଦେବାଦେବୀଙ୍କ ବାହାର ଯାତ୍ରା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ବେଳେ ହାତ ଓ ପାଦ ଧୂଆ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । ସେହିଭଳି ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ପ୍ରସ୍ତାବିତ ନାମ ସଙ୍କୀର୍ତ୍ତନ ଓ ଯଜ୍ଞ ପାଇଁ ସ୍ୱତନ୍ତ୍ର ଜାଗା ରହିବ ଏବଂ ଚତୁର୍ଥଟି ହେଲା ଗୋଟିଏ ସ୍ଥାନରେ ୫ ହଜାରରୁ ଅଧିକ ଭକ୍ତ ଏକାଠି ବସି କିଭଳି ମହାପ୍ରସାଦ ଖାଇପାରିବେ ସେନେଇ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ ।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ଫେବୃଆରୀ, ୨୦୨୦

# ଆନ୍ଦୋଳନ ଦେଶ ସ୍ୱାର୍ଥର ଉର୍ଦ୍ଧ୍ୱରେ !

ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ସାରା ଦେଶରେ ଆନ୍ଦୋଳନ ଚାଲିଥିଲା ବେଳେ ଏହାର ପ୍ରକୃତ ଉଦ୍ଦେଶ୍ୟ ଯେଉଁମାନେ ବୁଝୁଛନ୍ତି ସେମାନେ ଏହାକୁ ସମର୍ଥନ ଜଣାଉଛନ୍ତି। ଅଥଚ ଅନ୍ୟକିଛି ଗୋଷ୍ଠୀ ସିଏଏର ମୂଳ ଲକ୍ଷ୍ୟକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ଅପପ୍ରଚାର ଚଳାଇ ଦେଶକୁ ଖଣ୍ଡବିଖଣ୍ଡିତ କରିବା ଚକ୍ରାନ୍ତରେ ଥିବା ଜଣାପଡୁଛି। କାରଣ ଯେଉଁ ଆଇନ ଦେଶରେ ରହୁଥିବା ପ୍ରକୃତ ଭାରତୀୟଙ୍କ ନାଗରିକତା ନେଉନାହିଁ ତେବେ ଆନ୍ଦୋଳନର କାରଣ କ'ଣ। ଏହା ପଛର କାରଣକୁ ଆନ୍ଦୋଳନକାରୀମାନେ ମଧ୍ୟ ସ୍ପଷ୍ଟ ଭାବେ କହିପାରୁ ନାହାନ୍ତି। ଏହି ଆନ୍ଦୋଳନ ସମ୍ପର୍କରେ ପ୍ରଥମଥର ମୁହଁ ଖୋଲିଛନ୍ତି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦିଲ୍ଲୀର କର୍କରଡୁମାରେ ଏକ ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶକୁ ଭାଗ ଭାଗ କରିବା ପାଇଁ ଏବଂ ଦେଶର ସଦ୍‌ଭାବ ଓ ସଂହତି ନଷ୍ଟ କରିବା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ସେ କହିଥିଲେ ଯେ, ଗତ କିଛିଦିନ ହେଲା ସେଲମପୁର, ଜାମିଆ ଓ ଶହିନ୍‌ବାଗରେ ସିଏଏକୁ ବିରୋଧ କରି ଆନ୍ଦୋଳନ ଜାରି ରହିଛି। ଶାହିନ୍‌ବାଗ ଓ ଦେଶର ଅନ୍ୟାନ୍ୟ ଭାଗରେ ଜନସାଧାରଣ ସିଏଏକୁ ବିରୋଧ କରି ଆନ୍ଦୋଳନ କରୁଛନ୍ତି। ମାତ୍ର ବିଭିନ୍ନ ସମୟରେ କେନ୍ଦ୍ରର ବିଭିନ୍ନ ମନ୍ତ୍ରୀ ସିଏଏ ସମ୍ପର୍କରେ ଲୋକଙ୍କୁ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସତ୍ତ୍ୱେ ଆନ୍ଦୋଳନକାରୀ ଆନ୍ଦୋଳନରୁ ନିବୃତ୍ତ ହେଉନାହାନ୍ତି। ଏଥିରୁ ସ୍ପଷ୍ଟ ସଂକେତ ମିଳୁଛି ଏହା ରାଜନୈତିକ ଉଦ୍ଦେଶ୍ୟମୂଳକ। ଆମ୍ ଆଦ୍‌ମୀ ପାର୍ଟି ଓ କଂଗ୍ରେସ ସିଏଏକୁ ବିରୋଧ କରିବା ପାଇଁ ଲୋକଙ୍କୁ ଉସୁକାଉଛନ୍ତି। ଏହାପଛରେ ରହିଥିବା ଷଡଯନ୍ତ୍ର ଉପରୁ ନଜର ହଟାଇବା ପାଇଁ ସମ୍ମୁଖରେ ସମ୍ବିଧାନ ଓ ତ୍ରିରଙ୍ଗା ରଖାଯାଇ ଆନ୍ଦୋଳନ କରାଯାଉଛି ବୋଲି ସେ କହିଥିଲେ। କିନ୍ତୁ ଅନ୍ୟପକ୍ଷରେ ଆସାମରେ ସିଏଏକୁ ପ୍ରବଳ ବିରୋଧ କରି ଆନ୍ଦୋଳନ ଚାଲିଥିବା ବେଳେ ବୋଡୋ ରାଜିନାମା ଏକ ସକାରାତ୍ମକ ପଦକ୍ଷେପ। ତେବେ ସରକାରଙ୍କୁ ବିରୋଧ କରି ଆନ୍ଦୋଳନ କରିବା ଓ ଦେଶ ବିରୋଧରେ ଆନ୍ଦୋଳନ କରିବା ଭିନ୍ନ ପ୍ରସଙ୍ଗ। ସରକାରଙ୍କୁ ସମାଲୋଚନା କରିବା ବା ଆନ୍ଦୋଳନ ମାଧ୍ୟମରେ ଚେତାବନୀ ଦେବା ଦ୍ୱାରା ସାଧାରଣ ନାଗରିକଙ୍କ ପାଇଁ ଲାଭଦାୟକ ହୋଇପାରେ। ମାତ୍ର ଦେଶ ବିରୋଧରେ ଷଡଯନ୍ତ୍ର କରିବା ହେଉଛି ସାଂଘାତିକ ପ୍ରସଙ୍ଗ। ତେଣୁ ଏଭଳି କିଛି ହେଉଥିଲେ ତାହା ଦେଶବାସୀଙ୍କ ପାଇଁ ଏକ ଆହ୍ୱାନ। କାରଣ ବ୍ରିଟିଶ ଶାସନର ଅରାଜକତାରୁ ମୁକ୍ତି ପାଇବା ପାଇଁ ଯେଉଁ ମହା ମନୀଷିଗଣ ଆମ ପାଇଁ ନିଜର ସବୁ କିଛି ତ୍ୟାଗ କରିଥିଲେ ସେଭଳି ସ୍ଥିତିରେ ଗୋଟିଏ ଦେଶକୁ ପୁଣି ଖଣ୍ଡ ଖଣ୍ଡ କରିବା କେଉଁ ପ୍ରକାର ନ୍ୟାୟ। ଭାରତ ସ୍ୱାଧୀନ ହେବାର ୭୩ ବର୍ଷ ପରେ ଆମେ ଯେତେବେଳେ ଏକ ବିକାଶଶୀଳ ରାଷ୍ଟ୍ର ଗଠନର ସ୍ୱପ୍ନ ଦେଖୁଛେ ସେତେବେଳେ ଗୋଟିଏ ପ୍ରସଙ୍ଗକୁ ନେଇ ଆଲୋଚନା ନକରି ଆନ୍ଦୋଳନ ମାଧ୍ୟମରେ ଅରାଜକତା ସୃଷ୍ଟି କରିବା ଓ ଜାତି, ଧର୍ମ ଓ ବର୍ଣ୍ଣ ଆଧାରରେ ଲଢ଼େଇ ପାଇଁ ନିଜକୁ ପ୍ରସ୍ତୁତ କରିବା ତାହା ଆଦୌ ଗ୍ରହଣୀୟ ହୋଇପାରିବନାହିଁ। ଦେଶ ଭିତରେ ରହି ଦେଶ ମାତୃକାର ସେବା ନକରି ଏହା ବିରୋଧରେ ଷଡଯନ୍ତ୍ର କରିବା ଅତ୍ୟନ୍ତ ଗର୍ହିତ। ଯେଉଁ ମାଟିର ପାଣି ପବନ ଆମକୁ ବଞ୍ଚିବାର ରାହା ଦେଖାଇଛି ଓ ଶାନ୍ତିପୂର୍ଣ୍ଣ ଜୀବନ ନିର୍ବାହ କରିବାର ପଥ ପରିଷ୍କାର କରି କରି ଯାଉଛି ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିବା ଉତ୍ତମ ନାଗରିକର ଲକ୍ଷଣ ନୁହେଁ। ଗୋଟିଏ ଦେଶର ନାଗରିକ ଯେତେବେଳେ ନିଜ ଦେଶକୁ ଭଲ ନପାଇ ଅପରର ଗୁଣଗାନ କରନ୍ତି ସେ ଦେଶ ବିକଶିତ ହେବ କିପରି ? ଭାରତର ପଡୋଶୀ ରାଷ୍ଟ୍ର ସର୍ବଦା ଭାରତର କ୍ଷତି କରିବାକୁ ଚାହୁଁଥିଲା ବେଳେ ସେମାନଙ୍କୁ ଏପ୍ରକାର ଆନ୍ଦୋଳନ ନିଶ୍ଚୟ ସୁଯୋଗ ପ୍ରଦାନ କରିବ ଏକଥା ଅସ୍ୱୀକାର କରିହେବନାହିଁ। ଦେଶ ପ୍ରତି ଅଙ୍ଗୀକାରବଦ୍ଧତା ନ ରହିଲେ ଜଣେ ନିଜ ଦେଶକୁ ଭଲ ପାଉଛି ବୋଲି କହିପାରିବ କି ?



ସମ୍ପାଦକୀୟ
ତାରକ ମହାନ୍ତି

ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଶରେ ରାଜନୈତିକ ଅଭିସନ୍ଧି ରଖି ଯେଉଁଭଳି କାର୍ଯ୍ୟକଳାପ ଚାଲିଛି ତାହା ଦେଶକୁ ଆଗେଇ ନେବା ବଦଳରେ ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରୁଛି। ଏହି ନକାରାତ୍ମକ ପରିବେଶ ସୃଷ୍ଟି କରିବା ପଛରେ ବାମପନ୍ଥୀ, ବୁଦ୍ଧିବାଦୀ ଓ ହେତୁବାଦୀମାନଙ୍କ ସହିତ ଦେଶ ବିରୋଧୀ ତତ୍ତ୍ୱମାନଙ୍କର ଗୂଢ଼ ସମ୍ପର୍କ ରହିଥିବାର ଆଭାସ ମଧ୍ୟ ମିଳୁଛି। କୌଣସି ବିଜ୍ଞ ଲୋକ ଦେଶ ବିରୋଧରେ ଯାଇ ନିଜକୁ ଗୁଣି, ଜ୍ଞାନୀ ବା ପଣ୍ଡିତ କହିବା କେତେଦୂର ଯଥାର୍ଥ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ଅନେକ ଗୁଡ଼ିଏ ପୁରୁଣା ସମସ୍ୟାର ସମାଧାନ ହୋଇପାରିଛି। ତନ୍ମଧ୍ୟରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ, ତିନି ତଲାକ ବିଲ୍ ପାଶ୍, ରାମ ମନ୍ଦିର-ବାବ୍ରୀ ମସ୍‌ଜିଦ୍ ଭଳି ପୁରୁଣା ମାମଲା ଗୁଡ଼ିକୁ ଅକ୍ଳେଶରେ ବୁଝାମଣା ଭିତ୍ତିକ ସମାଧାନ କରାଯାଇପାରିଛି। କାରଣ ଯେଉଁ ଆଇନ ଦ୍ୱାରା ଦେଶର ନାଗରିକ ମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେବା ସହିତ ସେମାନେ ଏହାଦ୍ୱାରା ହେଉଥିବା କ୍ଷତିରୁ ବର୍ତ୍ତି ପାରିଛନ୍ତି। ସମଗ୍ର ବିଶ୍ୱରେ ଆତଙ୍କବାଦ ମାନବ ସଭ୍ୟତାର ଶତ୍ରୁ ହୋଇଥିଲା ବେଳେ ଆତଙ୍କବାଦର ବିନାଶ ପାଇଁ ଭାରତ ଯେଭଳି ପଦକ୍ଷେପ ନେଉଛି ତାହା ବିରଳ। ଆତଙ୍କବାଦ ରହିଲେ ବା ଆତଙ୍କୀ ରହିଲେ ନାଗରିକ ମାନଙ୍କ ସୁରକ୍ଷା ବିପନ୍ନ ହେବା ସହିତ ବିକାଶର ମୂଳଧାରାଟି ଲକ୍ଷ୍ୟଚ୍ୟୁତ ହୋଇପଡିବ। ତେଣୁ ମୂଳ ଲକ୍ଷ୍ୟରୁ ଓହରିଯାଇ ସାଧାରଣ ଜନତା ସରକାରଙ୍କୁ ବଦ୍‌ନାମ କରିବା ପାଇଁ ବା କ୍ଷମତାରୁ ହଟାଇବା ପାଇଁ ଯଦି ଷଡଯନ୍ତ୍ର ରଚନା କରିବେ ତେବେ ତାହା ଆଦୌ ଶୁଭଫଳ ଦେବନାହିଁ। ଭାରତ ବିରୋଧୀ ତତ୍ତ୍ୱମାନେ ଏହାଦ୍ୱାରା ଅଧିକ ସୁବିଧା ସୁଯୋଗ ପାଇ ନିଜର ଯୋଜନାକୁ ସାକାର କରିବା ପାଇଁ ଲାଗି ପଡିବେ ଏବଂ ଏଥିରେ କ୍ଷତିଗ୍ରସ୍ତ ହେବ ଭାରତ। ଗାତ ଭିତରେ ଲୁଚିଥିବା ସାପକୁ ଧରିବା ପାଇଁ ଉଦ୍ୟମ କରାନଯାଇଥିବା ପର୍ଯ୍ୟନ୍ତ ସାପର ଅସଲ ଚେହେରା କେହି ଦେଖିପାରନ୍ତି ନାହିଁ। ଯେତେବେଳେ ଏଭଳି ସାପ ମାନଙ୍କୁ ଧରିବା ପାଇଁ ସାପୁଆ କେଳା ସାମ୍ନାକୁ ଆସେ ଓ ବିନ୍ ବଜାଏ ସେତେବେଳେ ଏହି ବିଷଧର ସର୍ପମାନେ ବିନ୍ ଶବ୍ଦରେ ଅତିଷ୍ଠ ହୋଇ ଉଠନ୍ତି ଓ ଗାତରୁ ବାହାରି ସାପ ଧରାଳୀକୁ ଆକ୍ରମଣ କରିବାକୁ ପଛାଇ ନଥାନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଆମେ ଭଲ ଭାବେ ଅନୁଧ୍ୟାନ କଲେ ଜାଣିପାରିବା ଯେ, ଦେଶ ଭିତରେ ରହୁଥିବା ଦେଶର ଶତ୍ରୁମାନେ ବର୍ତ୍ତମାନ ଗାତ ଭିତରର ସାପ ମାନଙ୍କ ଭଳି ଫଣା ଟେକି ଫଁ ଫଁ ଗର୍ଜନ କରୁଛନ୍ତି। ଏମାନଙ୍କ ବିଷୟରେ ଗୋଟିଏ ରାଷ୍ଟ୍ର କେତେବେଳେ ଯେ, ଧୂଳିସାତ ହୋଇଯିବ ତାହା ଆକଳନ କରିବା ମୁସ୍କିଲ ହୋଇଥିଲେ ବି ବୁଝିବାକୁ ଚେଷ୍ଟା କଲେ ନିଶ୍ଚୟ ବୁଝିହେବ। ସିଏଏକୁ ସେଇମାନେ ବିରୋଧ କରୁଛନ୍ତି ଯେଉଁମାନେ ଏ ଦେଶର ନାଗରିକ ନୁହଁନ୍ତି। ସେମାନେ ଅନୁପ୍ରବେଶକାରୀ ହୁଅନ୍ତୁ ବା ଅନ୍ୟ କେହି। କିନ୍ତୁ ଗୋଟିଏ ଦେଶରେ ରହିବା ପାଇଁ ଯେଉଁ ଆଇନ ଦରକାର ତାହାକୁ ଦେଶବାସୀ ଯେତେବେଳେ ସ୍ୱୀକାର ନ କରିବେ ସେତେବେଳେ ସରକାର ଯେଉଁ ପଦକ୍ଷେପ ନେବା କଥା ତାହା ଉତ୍ତମ ଢଙ୍ଗରେ ନେବା ହିଁ ଶ୍ରେଷ୍ଠ ଶାସନ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସଙ୍କଟରେ ଜୀବଜନ୍ତୁ



ସୌମେନ୍ଦ୍ର ଜେନା

ଦେଶରେ ଜଙ୍ଗଲରୁ ଆରମ୍ଭ କରି ଚିଡିଆଖାନା ଯାଏଁ କେଉଁଠି ମଧ୍ୟ ପଶୁ ସୁରକ୍ଷିତ ଅବସ୍ଥାରେ ନାହାନ୍ତି । ଜଙ୍ଗଲରେ ଖାଦ୍ୟାଭାବ, ବିକାଶ, ତସ୍କରଙ୍କ ଆକ୍ରମଣ ସହ ଲଢୁଥିବା ଜୀବଜନ୍ତୁ ଚିଡିଆଖାନାରେ ଅବ୍ୟବସ୍ଥାର ଶିକାର ହେଉଛନ୍ତି । ଜନ୍ତୁଙ୍କ ସୁରକ୍ଷା ପାଇଁ ଆସୁଥିବା ଅର୍ଥର ବାଟମାରଣା ହେଉଥିଲା ବେଳେ ତସ୍କର ଓ ଜନ୍ତୁହତ୍ୟାକାରୀଙ୍କୁ କେହି ମଣିଷ ହତ୍ୟାକାରୀ ସହ ତୁଳନା ନକରିବା ବଡ ବିସ୍ମୟକର ହୋଇଛି । କେଉଁଠି ଝିଅ ବା ମହିଳା ଜଣେ ହତ୍ୟାର ଶିକାର ହେଲେ ଦେଶର ଗଣମାଧ୍ୟମ ଚବିଶ ଘଣ୍ଟିଆ ପ୍ରତିବାଦ ଖବର ପ୍ରସାରିତ କରୁଛି ଅଥଚ ପଶୁହତ୍ୟା ପ୍ରତି ମୁହୂର୍ତ୍ତରେ ହେଉଥିଲେ ମଧ୍ୟ ଏମାନଙ୍କ ସମସ୍ୟା ପ୍ରତି କାହାର ଦୃଷ୍ଟି ଯାଉନାହିଁ ।

ଭାରତର ଜାତୀୟପଶୁ ବାଘ ହୋଇଥିଲା ବେଳେ ଏହାର ସୁରକ୍ଷା ଏବେ ପ୍ରଶ୍ନବାଚୀରେ । କାରଣ ଗୋଟିଏ ବର୍ଷରେ ୬୦୧ଟି ବାଘଙ୍କ ମୃତ୍ୟୁ ଏହି ପ୍ରଶ୍ନବାଚୀକୁ ସୁଦୃଢ଼ କରୁଛି । ନିକଟରେ ୱାଇଲଡ୍ ଲାଇଫ ସୋସାଇଟୀ ଅଫ ଇଣ୍ଡିଆ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଏହି ଚାଞ୍ଚଲ୍ୟକର ସୂଚନା ତାର ରିପୋର୍ଟରେ ପ୍ରକାଶ କରିଛି । ପୃଥିବୀରେ ସକ୍ରୀୟ ଥିବା ବନ୍ୟପଶୁ ମାଫିଆମାନେ ଭାରତ ଉପରେ ନଜର କେନ୍ଦ୍ରୀଭୂତ କରିଛନ୍ତି । ଫଳରେ ଦେଶର ଅଭୟାରଣ୍ୟଗୁଡିକରେ ମଧ୍ୟ ପଶୁମାନେ ଆଉ ସୁରକ୍ଷିତ ରହିପାରୁନାହାନ୍ତି । ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟରତ ମାଫିଆମାନେ ବନ୍ୟପଶୁମାନଙ୍କ ଶରୀରର ଅଂଶକୁ ନେଇ ଭିନ୍ନ ଭିନ୍ନ ଦେଶରେ ବିକ୍ରି କରି ଢେର ଅର୍ଥ ସଂଗ୍ରହ କରୁଛନ୍ତି । ଏଥିପାଇଁ ସେମାନେ ୱେବସାଇଟ, ହ୍ୱାଟସଆପ୍ ଗୋଷ୍ଠୀ ମଧ୍ୟ ପ୍ରସ୍ତୁତ କରିଛନ୍ତି । ବନ୍ୟପଶୁମାନଙ୍କୁ ଚିହ୍ନଟ କରିବା ପାଇଁ ସେମାନେ ବିଦେଶୀ ସାଟେଲାଇଟ ଗୁଡିକର ସାହାଯ୍ୟ ମଧ୍ୟ ନେଉଛନ୍ତି । ଅନେକ ଜଙ୍ଗଲରେ ସେମାନେ ଡ୍ରୋନ ସାହାଯ୍ୟରେ ସର୍ଭେକରି ତଥ୍ୟ ସଂଗ୍ରହ କରୁଛନ୍ତି । ସେମାନେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀମାନଙ୍କୁ ନିଜ ସପକ୍ଷରେ ନେଇ ଚୋରା ବ୍ୟବସାୟର ଜାଲବୁଣି ବନ୍ୟଜନ୍ତୁଙ୍କ ଶିକାର କରୁଛନ୍ତି । ବନ୍ୟଜନ୍ତୁଙ୍କୁ ଶିକାର କଲାପରେ ନିଛାଟିଆ ପାହାଡ ଓ ଜନବସତିଠାରୁ ଦୂରରେ ଜନ୍ତୁଗୁଡିକର ଅଙ୍ଗକୁ ପରିଷ୍କାର କରି ଶୁଖାଇବା ସହ ପ୍ୟାକିଂକରି ପଠାଉଛନ୍ତି । କେତେକ ସହରରେ ସେମାନେ କୋରିଅର କମ୍ପାନୀଗୁଡିକର ସହାୟତା ମଧ୍ୟ ନେଇଥାନ୍ତି । କେତେକ କ୍ଷେତ୍ରରେ ସେମାନେ ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ବନ୍ଧୁକ ଚଳନାରେ ଦକ୍ଷଥିବା କ୍ରୀଡାବିତମାନଙ୍କୁ ମଧ୍ୟ ନିଜ ର୍‌ୟାକେଟରେ ସାମିଲ କରିଥାନ୍ତି । ଅତୀତ ଦିନମାନଙ୍କରେ ଉତ୍ତର ପ୍ରଦେଶ, ପଞ୍ଜାବ ଆଦି ରାଜ୍ୟରୁ କେତେକ ପୁରୁଣା କ୍ରୀଡାବିତ୍‌ଙ୍କୁ ପଶୁହତ୍ୟା ମାମଲାରେ ଗିରଫ କରାଯାଇଥିଲା । ସେମାନେ ଅତି ଯୋଜନାବଦ୍ଧ ଭାବେ ପଶୁହତ୍ୟାକରି ସେମାନଙ୍କ ଦେହର ଅଙ୍ଗସବୁକୁ ଚଲାଣ କରିବାକୁ ବ୍ୟବସ୍ଥା କରିଥିଲେ । ସେମାନେ ଏକାଧିକ ରାଜ୍ୟରେ ପୁରୁଣା କ୍ରୀଡାବିତ୍‌ମାନଙ୍କୁ ଏହି କାର୍ଯ୍ୟରେ ସଂଗଠିତ କରିଥିଲେ ।

ଦେଶର ଜଙ୍ଗଲଗୁଡିକ ମଧ୍ୟରେ ଅନେକ ବଡ ବଡ ସଡକପଥ କିମ୍ବା ରେଳପଥ ଯାଉଥିବାରୁ ଅନେକ ସମୟରେ ବାଘମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହାଛଡା ଜଙ୍ଗଲଗୁଡିକରେ ଖାଦ୍ୟାଭାବ ଯୋଗୁ ବାଘଗୁଡିକ ଜଙ୍ଗଲଗୁଡିକର ନିକଟବର୍ତ୍ତୀ ଗ୍ରାମାଞ୍ଚଳକୁ ପଶୁ ଶିକାର ପାଇଁ ଆସି ଶିକାରୀମାନଙ୍କ ହାତରେ ପଡୁଛନ୍ତି । ଶିକାରୀମାନେ ଅନେକ ସମୟରେ ଗ୍ରାମବାସୀମାନଙ୍କୁ ଅର୍ଥ ଲୋଭ ଦେଖାଇ ପଶୁଗୁଡିକ ସଂପର୍କରେ ଗୋପାନୀୟ ତଥ୍ୟ ସଂଗ୍ରହ ପାଇଁ ଉପଯୋଗ କରୁଛନ୍ତି । ଅପରାଧ ସହ ସଂପୃକ୍ତ ଲୋକେ ଏବଂ ଚୋରି ସହ ସଂପୃକ୍ତ ରହୁଥିବା ଲୋକେ ସହଜରେ ସେମାନଙ୍କ ପାଇଁ କାର୍ଯ୍ୟ କରିବାକୁ ରାଜି ହେବା ଯୋଗୁ ଦଲାଲ ଏବଂ ମାଫିଆମାନଙ୍କ କାର୍ଯ୍ୟ ଅଧିକ ସହଜ ହୋଇଯାଇଛି । ଏବେ ୱେବସାଇଟ୍, ହ୍ୱାଟସଆପ ଯୋଗେ ସେମାନେ ପରସ୍ପର ସହ ସଂପର୍କ ରଖି ଖୁବ୍ କମ୍ ସମୟରେ ବାଘମାନଙ୍କୁ ଟାର୍ଗେଟ କରିପାରୁଛନ୍ତି । ପୂର୍ବ-ଏସିଆର ଚୀନ ଏବଂ ୟୁରୋପର କିଛି ଔଷଧ କମ୍ପାନୀ ଏବଂ ସଂଗ୍ରହାଳୟ ଏହିସବୁ ପଶୁମାନଙ୍କ ଶରୀରର ଅଂଶଗୁଡିକୁ ବହୁ ଅର୍ଥ ଦେଇ କ୍ରୟ କରୁଥିବାରୁ ମାଫିଆମାନେ ଲୋକମାନଙ୍କୁ ସାମିଲ କରିବା ସହଜ ହେଉଛି । ଲୋଭ ବଶବର୍ତ୍ତୀ ହୋଇ ଅନେକ ରାଜନେତା ଏବଂ ଦଳୀୟକର୍ମୀମାନେ ମଧ୍ୟ ତସ୍କରମାନଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସୁଛନ୍ତି । ମଣିଷକୁ ହତ୍ୟାକଲେ ଯେପରି ତୁରନ୍ତ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବାକୁ ଚାପ ବଢୁଛି ସେମିତି ପଶୁହତ୍ୟା କ୍ଷେତ୍ରରେ ହେଉନାହିଁ । ତେଣୁ ପଶୁହତ୍ୟାକାରୀମାନେ ଛାଡପାଇଥିବାରୁ ପୁନର୍ବାର ପଶୁ ଶିକାର କାର୍ଯ୍ୟରେ ସାମିଲ ହେଉଛନ୍ତି । ତେଣୁ କେବଳ ଆଇନ ପ୍ରସ୍ତୁତ କରି ନୁହେଁ ବରଂ ଏହାକୁ କାର୍ଯ୍ୟକାରୀ କରିବାକୁ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ୟବସ୍ଥା ହେଉ ।

ଚିଡିଆଖାନାରେ ରହୁଥିବା ଜୀବଜନ୍ତୁଙ୍କ ଜୀବନ କିପରି ସଙ୍କଟାପନ୍ନ ସ୍ଥିତିରେ ରହିଛି ସେ ବିଷୟ ଦେଖାଯାଉ । ନନ୍ଦନକାନନ ପାଇଁ ଚେନ୍ନାଇରୁ ଆସିଥିବା ଦୁଇଟି ଆନାକୋଣ୍ଡାର ନିକଟରେ ମୃତ୍ୟୁ ଚିନ୍ତାର ବିଷୟ ହୋଇଛି । କାରଣ ଅନ୍ୟ ଆନାକୋଣ୍ଡାଗୁଡିକ ମଧ୍ୟ ଅସୁସ୍ଥ ଅବସ୍ଥାରେ ରହିବା ଅର୍ଥ ଆଗାମୀ ଦିନରେ ସେମାନଙ୍କ ମୃତ୍ୟୁ ଅବଶ୍ୟମ୍ଭାବୀ । ପୂର୍ବରୁ ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷ ରାଜ୍ୟକୁ ଜିରାଫ ଆଣିବା ବେଳେ ବାଟରେ ବିଦ୍ୟୁତ ଆଘାତରେ ଗୋଟିଏ ଜିରାଫର ମୃତ୍ୟୁ ହୋଇଥିଲା । ଏଠାରେ କହିବା ଆବଶ୍ୟକ ଯେ ଜୀବଜନ୍ତୁମାନଙ୍କ ପରିବହନର ବ୍ୟବସ୍ଥା ଏବଂ ପରିଚାଳନାରେ ଯେଉଁ ସୁବିଧା କରିବା କଥା ସେ ଦିଗରେ ଅଧିକାରୀମାନଙ୍କ ଦୃଷ୍ଟି ନଥିବା ହେତୁ ଏଭଳି ଦୁର୍ଘଟଣାମାନ ବାରମ୍ବାର ଘଟିବାରେ ଲାଗିଛି । ଗତ କିଛିଦିନ ତଳେ ହରପିସ୍ ଜୀବାଣୁଙ୍କ ଆକ୍ରମଣରେ ହାତୀର ମଧ୍ୟ ମୃତ୍ୟୁ ହୋଇଥିଲା । ଅତୀତରେ ଏମିତି ଅନେକ ପଶୁ ଅସୁସ୍ଥ ହୋଇ ମୃତ୍ୟୁର ଶିକାର ହୋଇଛନ୍ତି । ଏଠାରେ କହିବା ଠିକ୍ ହେବ ଯେ ନନ୍ଦନକାନନ କର୍ତ୍ତୃପକ୍ଷ ଯେତେ ରାଜସ୍ୱ ପାଇବାର ଖବର ଲୋକଲୋଚନକୁ ଛାଡୁଛନ୍ତି ସେତେ ଜନ୍ତୁଙ୍କ ରକ୍ଷଣାବେକ୍ଷଣ ସମସ୍ୟାକୁ ନେଇ ଛାଡୁନାହାନ୍ତି । ଏତେ ଜୀବଜନ୍ତୁ ଥିବା ଦୃଷ୍ଟିରୁ ଚିଡିଆଖାନା ପରିସରରେ ପଶୁଙ୍କ ପାଇଁ ଏକ ସୁପରସ୍ପେସିଆଲିଟୀ ଡାକ୍ତରଖାନା ଏପର୍ଯ୍ୟନ୍ତ ଖୋଲାଯାଇପାରିନାହିଁ । ଅନେକ ସମୟରେ ପଶୁ ମହାବିଦ୍ୟାଳୟରୁ ଡାକ୍ତରମାନେ ଗଲେ ହିଁ ଅସୁସ୍ଥ ପଶୁମାନଙ୍କର ଚିକିତ୍ସା ସମ୍ଭବପର ହେଉଛି । ଅନେକ ଦେଶରେ ପଶୁ ଚିକିତ୍ସାଳୟଗୁଡିକ ଖୁବ୍ ଅତ୍ୟାଧୁନିକ ଏବଂ ଶୀତତାପ ନିୟନ୍ତ୍ରିତ ହେଉଥିବା ସ୍ଥଳେ ଆମ ରାଜ୍ୟରେ ସେପରି ଆଧୁନିକ ଡାକ୍ତରଖାନାଟିଏ ଦେଖିବାକୁ ମିଳୁନାହିଁ । ସେମିତି ପଶୁମାନଙ୍କୁ ଉଦ୍ଧାର କରିବା ଏବଂ ଚିକିତ୍ସା କରାଯିବା ନେଇ ଯେପରି ବ୍ୟବସ୍ଥା ରହିବା ଆବଶ୍ୟକ ତା ଉପରେ ଅଧିକ ନଜର ଦିଆଯାଉନାହିଁ । ଯେଉଁଥି ପାଇଁ ଅଳ୍ପ ପ୍ରଶିକ୍ଷିତ କିମ୍ବା ବାଧ୍ୟବାଧକତାରେ ଚାକିରୀ କରୁଥିବା ଲୋକମାନେ ଆଜି ଚିଡିଆଖାନା କର୍ମଚାରୀ ହେଉଥିବାରୁ ଜନ୍ତୁମାନଙ୍କର ଦୁର୍ଦ୍ଦଶା ଅଧିକ ବଢିଚାଲିଛି । ଅତୀତରେ ନନ୍ଦନକାନନ ଚିଡିଆଖାନାର ଜନ୍ମ ଏକ ଆକସ୍ମିକ ଆବଶ୍ୟକତା ମଧ୍ୟରେ ହୋଇଥିଲା । ନୂଆଦିଲ୍ଲୀରେ ୧୯୬୦ରେ ବିଶ୍ୱ କୃଷିମେଳା ଅନୁଷ୍ଠିତ ହେଉଥିଲା । ସେଥିରେ ଥିବା ଓଡିଶାର ମଣ୍ଡପ ପାଇଁ କିଛି ଜୀବଜନ୍ତୁଙ୍କୁ ସ୍ଥାନ ଦେବା ଦରକାର ପଡିଲା । କାରଣ ଏମିତି ଜୀବଜନ୍ତୁଙ୍କୁ ସ୍ଥାନ ଦେଲେ ଦର୍ଶକମାନେ ମଣ୍ଡପ ପ୍ରତି ଆକର୍ଷିତ ହେବେ ବୋଲି ଉଦ୍ଦେଶ୍ୟ ଥିଲା । ତେଣୁ ବଣ୍ୟଜନ୍ତୁଙ୍କ ପ୍ରଦର୍ଶନ ପାଇଁ ଖର୍ଚ୍ଚ କମ୍ ହେବ ବୋଲି ବିଚାର କରାଯାଇ ରାଜ୍ୟରୁ କିଛି ଜନ୍ତୁଙ୍କୁ ଦିଲ୍ଲୀ ପଠାଯାଇଥିଲା । ସେଥିପାଇଁ ରାଜ୍ୟର ଜଙ୍ଗଲ ବିଭାଗର ଅଧିକାରୀମାନେ ବହୁ ପରିଶ୍ରମ କରିଥିଲେ । ପରେ ଏହି ଜନ୍ତୁମାନଙ୍କୁ ଖଣ୍ଡଗିରି ନିକଟରେ ଅସ୍ଥାୟୀ ଭାବେ ରଖାଯାଇଥିଲା । ଜୈନ ସମାଜର ଲୋକେ ଏଥିପାଇଁ ଢେର ସାହାଯ୍ୟ କରିଥିଲେ । ପରେ ଖଣ୍ଡଗିରି ଏବଂ ଉଦୟଗିରି ନିକଟରେ ଚିଡିଆଖାନା ସ୍ଥାପନା ପାଇଁ ପ୍ରସ୍ତାବ ଆସିଲାବେଳେ ରାଜ୍ୟ ଅର୍ଥ ବିଭାଗ ଏହାର ବିରୋଧ କଲା । କିନ୍ତୁ ପରେ ୧୨୫ ଏକର ପରିବ୍ୟାପ୍ତ କାଞ୍ଜିଆ ହ୍ରଦକୁ କେନ୍ଦ୍ର କରି ଏହି ଚିଡିଆଖାନା ସ୍ଥାପନା କଲେ ଭଲ ହେବ ବୋଲି ପ୍ରସ୍ତାବ ଆସିଲା । ଫଳରେ ୨୯ଡିସେମ୍ବର ୧୯୬୦ରେ ତତ୍କାଳୀନ କେନ୍ଦ୍ର ଖାଦ୍ୟ ଓ କୃଷିମନ୍ତ୍ରୀ ଏସ୍.କେ ପାଟିଲ ନନ୍ଦନକାନନକୁ ଉଦ୍‌ଘାଟନ କରିଥିଲେ । ଇତି ମଧ୍ୟରେ ନନ୍ଦନକାନନରେ ଅନେକ ବିକାଶ ହୋଇଛି । ୧୯୬୩ରୁ ବଟାନିକାଲ ଗାର୍ଡେନ ଆରମ୍ଭ ହୋଇ ଏହାର ପରିସର ବଢିଛି । କିନ୍ତୁ ନନ୍ଦନକାନନ ପାଇଁ ଯେପରି ଆଧୁନିକ ପଶୁ ଡାକ୍ତରଖାନା, ଗବେଷଣା ପାଇଁ ପଶୁରକ୍ଷାକାରୀ ପୋଲିସ ବାହିନୀ ଆବଶ୍ୟକ ତାହା ଏଯାଏଁ ସମ୍ଭବ ହୋଇପାରିନାହିଁ । ସେମିତି ନନ୍ଦନକାନନର ପାଇଁ ସରକାର ସ୍ୱତନ୍ତ୍ର ବଜେଟ ପ୍ରଦାନ କରି ଏହାକୁ ଏକ ବିଶ୍ୱସ୍ତରୀୟ ଚିଡିଆଖାନାରେ ପରିଣତ କରିବା ପାଇଁ ସମସ୍ତ ବ୍ୟବସ୍ଥା କରନ୍ତୁ, ଯଦ୍ୱାରା ଜୀବଜନ୍ତୁ ସୁରକ୍ଷିତ ରହିପାରିବ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ସମୀର ମହାନ୍ତି : ଓଡ଼ିଶା ବିଜେପିର ନୂଆ କ୍ୟାପଟେନ୍



ବାଦଲ ଭୂୟାଁ

ଓଡ଼ିଶା ବିଜେପିର ପ୍ରଭାବଶାଳୀ ହେବିୱେଟ ନେତା ସମୀର ମହାନ୍ତି ବିଜେପିର ରାଜ୍ୟ ସଭାପତି ହୋଇଛନ୍ତି। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂହ କୁମାର ଘୋଷଣା କରିବା ପରେ ପୂର୍ବତନ ସଭାପତି ବସନ୍ତ ପଣ୍ଡାଙ୍କ ଠାରୁ ସେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶାରେ ଆଗକୁ ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ଥିବାବେଳେ ଏବଂ ଦୀର୍ଘ ୧୬ବର୍ଷରେ ଉପକୂଳ ଓଡ଼ିଶାର ନେତାଙ୍କୁ ସଭାପତି ପଦ ଦିଆଯାଇଥିବାରୁ ରାଜ୍ୟ ରାଜନୀତିରେ ବିଜେପିର ରଣନୀତି ଉପରେ ଏବେ କେବଳ ସବୁ ଦଳ ନୁହଁନ୍ତି ରାଜନୈତିକ ସମୀକ୍ଷକମାନେ ମଧ୍ୟ ଏହି ଘଟଣାକ୍ରମ ଉପରେ ନଜର ରଖିଛନ୍ତି। ଓଡ଼ିଶାରେ ବିଜେପି ଦିନକୁ ଦିନ ବେଶ ସଙ୍ଗଠିତ ହୋଇ ଯୋଜନାବଦ୍ଧ ଭାବେ ଆଗଉଛି। ଓଡ଼ିଶାରେ କଂଗ୍ରେସକୁ ପଛକୁ ଠେଲି ବିଜେପି ମୁଖ୍ୟ ବିରୋଧୀ ଦଳ ଭାବେ ତାର ରଣନୀତି ମଧ୍ୟ ପ୍ରସ୍ତୁତ କରୁଛି। ଏଠାରେ ସୂଚାଇ ଦିଆଯାଇପାରେ କି ୨୦୦୧-୨୦୦୪ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରୁ ମନମୋହନ ସାମଲ ଶେଷଥର ପାଇଁ ସଭାପତି ଦାୟିତ୍ୱରେ ଥିଲେ। ପଶ୍ଚିମ ଓଡ଼ିଶାର ଅନ୍ୟତମ ହେବିୱେଟ କନକବର୍ଦ୍ଧନ ସିଂହଦେଓ, ସୁରେଶ ପୂଜାରୀ, ଜୁଏଲ ଓରାମ୍ ଦୁଇଥର ପାଇଁ, ଓ ବସନ୍ତ ପଣ୍ଡା ଦୀର୍ଘ ୧୬ ବର୍ଷ ଧରି ଓଡ଼ିଶା ବିଜେପିର ଲଗାମ ନିଜ ହାତରେ ରଖିଥିଲେ। ଗତ ସାଧାରଣ ନିର୍ବାଚନରେ ଉପକୂଳ ଅଞ୍ଚଳ ଠାରୁ ପଶ୍ଚିମ ଓଡ଼ିଶାରେ ବିଜେପିର ଭୋଟ ଭାଗ ଅଧିକ ଥିଲା। ଏବଂ ଏଥର ମୁଖ୍ୟ ବିରୋଧୀ ଦଳ ବିଜେପି ପାଇବା ଓ ବିରୋଧୀ ଦଳ ନେତାପଦବୀ ପଶ୍ଚିମ ଓଡ଼ିଶାକୁ ଯାଇଥିବାରୁ ଶେଷରେ କେନ୍ଦ୍ରୀୟ ନେତୃତ୍ୱ ଉପକୂଳ ଓଡ଼ିଶାକୁ ବାଛିଥିଲେ। ତେବେ ସଭାପତି ମନୋନୟନରେ ଓଡ଼ିଶା ବିଜେପିର ପୋଷ୍ଟର ବୟ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର ଥିଲା। ଓଡ଼ିଶାରେ ବିଜେପିର କାୟା ମେଲାଇ ଦଳକୁ ତୃଣମୂଳ ସ୍ତରରୁ ସଂଗଠିତ କରିବାରେ ସଫଳ ହୋଇପାରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉଭୟ ପ୍ରଧାନମନ୍ତ୍ରୀ ମୋଦି ଓ ଅମିତ ଶାହାଙ୍କ ଖାସ୍ ଅନୁଗତ ଧର୍ମେନ୍ଦ୍ର ବାବୁ ଓଡ଼ିଶାରେ ଅନେକ କେନ୍ଦ୍ରୀୟ ପ୍ରକଳ୍ପ ପାଇଁ ତାଙ୍କ ବ୍ୟକ୍ତିନିଷ୍ଠ ସହଯୋଗ ରଖି ଓଡ଼ିଶାବାସୀଙ୍କ ପ୍ରଶଂସାଭାଜନ ମଧ୍ୟ ହୋଇପାରିଛନ୍ତି। ଓଡ଼ିଶାରେ ବିଜେପି ୨୦୧୯ ଜୁଲାଇ ୬ ତାରିଖରୁ ତାର ଦଳୀୟ ସାଙ୍ଗଠନିକ ସମାପ୍ତ ହୋଇ ୨୩ ହଜାରରୁ ଅଧିକ ବୁଥ୍ କମିଟି ଗଠନ କରିଛି। ୮୦୦ ମଣ୍ଡଳ କମିଟି ଗଠନ ହେବା ସହ ରାଜ୍ୟ ପରିଷଦକୁ ୧୯୦ଜଣ ସଦସ୍ୟ ମନୋନୀତ ହୋଇଛନ୍ତି।

ରାଜନୀତି ପ୍ରତି ଦୁର୍ବଳତା ଯୋଗୁ ସରକାରୀ ଚାକିରୀର ମୋହତ୍ୟାଗ କରି ଛାତ୍ର ଜୀବନରୁ ରାଜନୀତି ସହ ଜଡ଼ିତ ହୋଇଥିବା ସମୀର ମହାନ୍ତି ଓଡ଼ିଶା ବିଜେପିର ଜଣେ ପ୍ରଭାବଶାଳୀ ନେତା। ରାଷ୍ଟ୍ର ସ୍ୱୟଂସେବକ ସଂଘର ଜଣେ ଦୃଢ଼ନିଷ୍ଠ, ସମର୍ପିତ ଓ ପ୍ରମୁଖ କର୍ମକର୍ତ୍ତା ଭାବେ ତାଙ୍କର ପରିଚୟ ରହିଛି। ଦଳ ଭିତରେ ଜଣେ ଉତ୍ସର୍ଗୀକୃତ ଦକ୍ଷ ଓ ଶୃଙ୍ଖଳିତ ସଭ୍ୟ ଭାବେ ତାଙ୍କ ଗ୍ରହଣୀୟତା ମଧ୍ୟ ବେଶ ସ୍ମରଣୀୟ। ୧୯୫୯ ମସିହା ମେ ମାସରେ ଜନ୍ମିତ ଶ୍ରୀ ମହାନ୍ତି ପୁରୁଣା ଭୁବନେଶ୍ୱରର ମୂଳ ବାସିନ୍ଦା। ଏବିଭିପିର ବିଭିନ୍ନ ପଦପଦବୀରେ ସେ ଛାତ୍ର ଜୀବନରେ ଜଡ଼ିତ ଥିଲେ। ୧୯୭୮-୭୯ ମସିହାରେ ଖୋର୍ଦ୍ଧାର ପିଏନ୍ କଲେଜର ସାଧାରଣ ସମ୍ପାଦକ ଭାବେ ସ୍ନାତକୋଶିକ୍ଷା ବେଳେ ଜଡ଼ିତ ରହିଥିଲେ। ପରେ ସେହି ବିଶ୍ୱବିଦ୍ୟାଳୟରୁ ଆଇନ ବିଭାଗର ଏଲଏଲ୍‌ବି ଡିଗ୍ରୀ ମଧ୍ୟ ପାଇଥିଲେ। ବିଡ଼ିଏର ସହାୟକ ସୂଚନା ଅଧିକାରୀ ଭାବେ ସେ ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିବାବେଳେ କର୍ମଚାରୀ ସଂଘର ସଭାପତି ଭାବେ ମଧ୍ୟ ସେ ରାଜନୀତିରେ ସଂପୃକ୍ତ ଥିଲେ। ୨୦୦୩ରେ ନିର୍ବାଚନୀ ରାଜନୀତିରେ ପାଦ ଥାପି ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ ମସିହାରେ ପ୍ରଥମ ଥର ପାଇଁ ବିଜେପି ଟିକେଟରୁ ଏକାମ୍ର ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ ମଧ୍ୟ ପରାଜିତ ହୋଇଥିଲେ। ତେବେ ଓଡ଼ିଶାରେ ବିଜେଡ଼ି-ବିଜେପି ମେଣ୍ଟ ସରକାର ସମୟରେ ଓଡ଼ିଶା ଖଦି ବୋର୍ଡ଼ର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୬ରେ ବିଜେପିର ଉପସଭାପତି ଭାବେ ଦାୟିତ୍ୱରେ ରହିଥିଲେ। ଭୁବନେଶ୍ୱରର କଳିଙ୍ଗ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସେଣ୍ଟର, କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଆବାସିକ ସ୍କୁଲ ଆଦି ଗଢ଼ି ଶିକ୍ଷା କ୍ଷେତ୍ରରେ ଅନେକ ବିକାଶ କରିଛନ୍ତି। ଓଡ଼ିଶା ବିଜେପି ସମୀର ବାବୁଙ୍କ ନେତୃତ୍ୱରେ ସଂଗଠିତ ହୋଇ ଆଗକୁ କାୟା ବଢ଼ାଇବା ପାଇଁ ରଣନୀତି ମଧ୍ୟ ଆରମ୍ଭ କରିଦେଇଛି। ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ଭିତ୍ତିକ କ୍ଷେତ୍ରରେ ସମାଲୋଚନା ମଧ୍ୟ କରିବା ସହ ଓଡ଼ିଶାରେ ଦଳ ଆଗାମୀ ନିର୍ବାଚନ ପାଇଁ ମଧ୍ୟ ପ୍ରସ୍ତୁତ ହେଉଛି। ଓଡ଼ିଶା ବିଜେପିର ନୂଆ କ୍ୟାପଟେନ୍ ଦାୟିତ୍ୱ ନେଇଥିବା ସମୀର ବାବୁଙ୍କ ରାଜନୈତିକ ଜୀବନ ଆହୁରି କର୍ମ ଚଞ୍ଚଳ ହୋଇ ଓଡ଼ିଶା ବିଜେପି ପାଇଁ ତାଙ୍କ ଅବଦାନ ଆହୁରି ବଢ଼ାଇ ଚାଲନ୍ତୁ ତାଙ୍କ ନୂଆ ଦାୟିତ୍ୱ ପାଇଁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୦୭୪୮୮୯୯୮୫୩୨*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ସତ୍ୟମ୍ :-**

ମହାଭାରତରେ ଭଗବାନଙ୍କ ଅନନ୍ତ ଭକ୍ତ ଭୀଷ୍ମପିତାମହ ବିଷ୍ଣୁ ସହସ୍ରନାମ ଗାଇ ଭଗବାନଙ୍କର ସ୍ତୁତି କରିଥିଲେ। ଶ୍ରୀ ବିଷ୍ଣୁ ସହସ୍ରନାମ ମହାଭାରତର ବୈୟାସିକମ୍ ଅନୁଶାସନିକ ପର୍ବରେ ଭୀମ-ଯୁଧିଷ୍ଠିର ସମ୍ବାଦରେ କୁହାଯାଇଛି। ଏଥିରେ ଭଗବାନଙ୍କର ଅନେକ ନାମରେ ସତ୍ୟ ଶବ୍ଦକୁ ଉଲ୍ଲେଖ କରାଯାଇଛି, ଯଥା-ସତ୍ୟଃ, ସତ, ସତକର୍ତ୍ତା, ସତ୍‌ପଥାଚାର, ସତ୍ୟମେଧା, ସତ୍ ପରାକ୍ରମ, ସତ୍ୟଧର୍ମା, ସତ୍‌ଗତିଃ, ସତ୍‌କୃତିଃ, ସତ୍‌ନିବାସ, ସତ୍ୟବାନଃ ଇତ୍ୟାଦି। ସତ୍ୟ ଶବ୍ଦକୁ ବିଭିନ୍ନ ଅର୍ଥରେ ଏଠାରେ ଯୋଡା ଯାଇଛି। ଈଶ୍ୱର ସତ୍ୟ ସ୍ୱରୂପ ହୋଇଥିବା କାରଣରୁ କେବଳ ସତ୍ୟ ହିଁ ଅଟନ୍ତି। ଶ୍ରୁତିର କହିବା ଅନୁସାରେ, - 'ସତ୍ୟସତ୍ୟ ସତ୍ୟମିତି ବା ପ୍ରାଣା ବୈ ସତ୍ୟଂ ତେଷାମେଷ ସତ୍ୟମ୍'। ଅର୍ଥାତ୍ ପ୍ରାଣ ସତ୍ୟ ଅଟେ, ସେଥିପାଇଁ ଆମେ ପରମାତ୍ମାଙ୍କୁ ନିଜ ଆତ୍ମା ସହିତ ଅନୁସନ୍ଧାନ କରିଥୁ। ଯିଏ ଜ୍ୟଷ୍ଟିରେ ଅଛନ୍ତି ସେ ମଧ୍ୟ ସମଷ୍ଟିରେ ରହିଛନ୍ତି। ସେହି ସତ୍ୟ ପରାକ୍ରମୀ ଈଶ୍ୱର ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, କୃଷ୍ଣ ଇତ୍ୟାଦି ରୂପରେ ଏକ ପରାମାତ୍ମା ଭାବେ ବ୍ୟବସ୍ଥିତ ଅଟନ୍ତି। ସେ ହିଁ ଏକ ସତ୍ୟ ସନାତନ ଅଟନ୍ତି। 'ପରିତ୍ରାଣାୟ ସାଧୁନା' ବିନାଶାୟ ଚ ଦୁଷ୍କୃତମ ... ଯାହାର ଅସ୍ତିତ୍ୱ ଏବଂ ଅବତରଣର ଏକ ଉଦ୍ଦେଶ୍ୟ ଜନକଲ୍ୟାଣ ସେହିଁ ସତ୍ୟ ହୋଇପାରନ୍ତି। ସେ ହିଁ ସାର୍ବଭୌମ, ସାର୍ବଜନିକ ସର୍ବକାଳିକ, ସର୍ବଦେଶୀୟ ଏକମାତ୍ର ଅବିଚ୍ଛିନ୍ନ ଅପରିମେୟ ତତ୍ତ୍ୱ ଅଟନ୍ତି।

ଏହି ସମଗ୍ର ସଂସାର ଈଶ୍ୱରଙ୍କର କୃତି। ଶ୍ରୁତି କଥନରେ ରହିଛି - 'ସ୍ୱଜାତୀୟ ବିଜାତୀୟ ସ୍ୱଗତ ଭେଦ ରହିତା ଅନୁଭୂତିଃ ସତ୍ତା ଏକମେବ ଦ୍ୱିତୀୟମ୍', ଅର୍ଥାତ୍ ଯିଏ ଏକମେବ ଅଟନ୍ତି ଏବଂ ଯାହା ବ୍ୟତୀତ ଦ୍ୱିତୀୟ କିଛି ହିଁ ନାହିଁ। ସେ ସ୍ୱଜାତୀୟ, ବିଜାତୀୟ ତଥା ସ୍ୱଗତ ଭେଦରୁ ରହିତ ଅଟନ୍ତି ଓ ସତ୍ୟ ଅଟନ୍ତି। ଦୈବୀ ସମ୍ପଦାର ପ୍ରାରମ୍ଭ ଅଭୟମରୁ ହୋଇଛି ଯେଉଁଥିରେ ଛୋଟବଡ ଛବିଶଟି ଗୁଣ ରହିଛି ମାତ୍ର ଏହି ଗୁଣ ଗୁଡିକ ମଧ୍ୟରେ ଆମେମାନେ ଅଭୟନାରାୟଣ, ଅହିଂସା ନାରାୟଣ, ତ୍ୟାଗ ନାରାୟଣ ଇତ୍ୟାଦି ଲେଖାଥିବାର ଦେଖିବାକୁ ପାଇନାହେଁ। କିନ୍ତୁ ନାରାୟଣଙ୍କୁ ସତ୍ୟନାରାୟଣ ବୋଲି କୁହାଯିବାର ଜାଣିଛେ। କଳିଯୁଗରେ ସତ୍ୟନାରାୟଣଙ୍କ ପୂଜା ଅର୍ଚ୍ଚନାର ବହୁତ ମହିମା ରହିଛି ବୋଲି ମଧ୍ୟ ଆମେ ଜାଣିଛେ। ସତ୍ୟନାରାୟଣ କଥାରେ ପାଞ୍ଚ ଅଧ୍ୟାୟରେ ସତ୍ୟକୁ ପ୍ରତିଷ୍ଠିତ କରାଯାଇଅଛି। ସତ୍ୟ ହିଁ ସବୁଠାରୁ ବଡ ତପ ଅଟେ। ସତ୍ୟର ଅସ୍ତ୍ରକୁ ଈଶ୍ୱର ଅନୁଗ୍ରହ ପ୍ରାପ୍ତିର ସାଧନ ବୋଲି ମାନିବାକୁ ହେବ। ଭାଗବତରେ ଶ୍ରୀକୃଷ୍ଣଙ୍କୁ ସତ୍ୟ ସ୍ୱରୂପ କୁହାଯାଇଛି। ଶ୍ରୁତି କହେ- "ସତ୍ୟମେବ ଜୟତେ" ସତ୍ୟର ଜୟ ହୋଇଥାଏ। ସତ୍ୟର କେତେବେଳେ ଜୟ ହୋଇଥାଏ ? ଯେତେ ବେଳେ ସତ୍ୟର ଅନୁଶୀଳନ ଓ ପରିଶୀଳନ ହୋଇଥାଏ ସେତେବେଳେ ଜୟ ନିଶ୍ଚୟ ହୋଇଥାଏ। ଇନ୍ଦ୍ରିୟ ତଥା ଅନ୍ତକରଣ ଦ୍ୱାରା ଯାହା ଦେଖୁଛେ, ଶୁଣୁଛେ, ଅନୁଭବ କରୁଛେ ତାହାକୁ କୌଣସି ଏପଟ, ସେପଟ ନ କରି ନିଷ୍କପଟ ଓ ନିଷ୍ପାପ ଭାବରେ ଉପସ୍ଥାପନ କରିପାରିଲେ ଆମେ ସତ୍ୟରେ ରହିଛେ ବୋଲି ବୁଝିବା। ମହର୍ଷି ପତଞ୍ଜଳି ଯୋଗ ଦର୍ଶନରେ ସତ୍ୟର ବାଖ୍ୟା କରି କହିଛନ୍ତି ଯେ- 'ସତ୍ୟ ପ୍ରତିଷ୍ଠାୟମ୍ କ୍ରିୟାଫଳାଶ୍ରୟତ୍ୱମ୍'। ଯେଉଁ ଯୋଗୀକୁ ସତ୍ୟର ସିଦ୍ଧି ପ୍ରାପ୍ତ ହୋଇଥାଏ ବା ଯାହାର ବାଣୀରେ ଅସତ୍ୟ କେବେବି ପ୍ରସ୍ଫୁଟିତ ହୋଇନଥାଏ ସେହି ଯୋଗୀର ବାଣୀ ଅମୋଘ ହୋଇଯାଏ। ଅଭିଶାପ କିମ୍ବା ବରଦାନ ଯାହା ତା'ର ମୁଖରୁ ବାହାରିଥାଏ ତାହା ସତ୍ୟ ହୋଇଯାଇଥାଏ।

(କ୍ରମଶଃ)

କିଶୋର କବିତା



## ରଙ୍ଗମଞ୍ଚ

ଲିପ୍‌ସା ପଟେଲ

**କେ**ତେ ରଙ୍ଗର ଭିଡ଼ ଭିତରେ
ଫିକ୍‌କିନା ଖେଳିଗଲା
ତା' ଗୋଲାପୀ ହସର ଧାର,
ସବୁଜ ବହିର ପ୍ରଥମ ପୃଷ୍ଠାରେ
ସଯତ୍ନେ ନେଇ ଆସିଲି
ତା' ନୀଳରଙ୍ଗର ହସ୍ତାକ୍ଷର;
ମନ କହୁଥିଲା
ତା' ହଳଦୀ ରଙ୍ଗର ସାର୍ଟରେ
ଯଦି ଲାଗିଯାଇଥାନ୍ତା
ମୋ ନାଲି ଲିପ୍‌ଷ୍ଟିକ୍‌ର ଦାଗ ?
ଆହା ! ସତରେ ଲାଜେଇ ଯାଇଥାନ୍ତା,
ଦେଖେଇଥାନ୍ତା ମିଛିମିଛିକା ରାଗ
ତା'ର-ମୋର ପ୍ରେମର ସୋହାଗ।
ମୁଁ ଠିକ୍ ଜାଣେ
ସେତେବେଳେ ସେ ସବୁଜାଣି
ଅଜଣା ହୁଏ...
ଧୂସର, ଧୂମ୍ର ମୟ ଦେଖାଯାଏ
ତା' ଉଜ୍ଜଳ ମୁହଁ,
ଆଖି ଦିଓଟି ଆହୁରି ଗାଢ଼ ହୁଏ
କଳା କିଟିକିଟି ରାତିର
ସାକ୍ଷ୍ୟ ଦିଏ;
ମାଟିଆ ରଙ୍ଗର ହଳେ ଜୋତାରେ
ଆବଦ୍ଧ ସେଇ ତା'ର ଦୁଇ ପାଦେ,
ଯାହାକୁ ଦେଖିଲେ ମନେହୁଏ
ଏଇ ହଳେ ପାଦକୁ
ଖୋଜୁଥିଲି କେଉଁ କାଳୁ
ତା' ସ୍ପର୍ଶରେ ସତେ କି
ମୁଁ ପାଲଟି ଯିବି ପଥରରୁ ମାନୁଷୀ,
ତଥାପି ଏବେ ବାକି ଅଛି ଦେଖିବାକୁ
ତା' ସଫେଦ୍ ହୃଦୟରେ
କେଉଁ ରଙ୍ଗରେ ଲେଖିଛି ମୋ ନାଁ,
କେଉଁ ରଙ୍ଗରେ ଆଙ୍କିଛି ଆମ ପ୍ରେମ !

*ଇରିଗେସନ କଲୋନୀ,*
*ଭବାନୀପାଟଣା*
*ଦୂରଭାଷ : ୯୪୩୯୪୦୦୩୪୮*



## ସଂସର୍ଗ

ତୃପ୍ତି ରଞ୍ଜନ ଦାସ



**ବ**ସନ୍ତ ଗାଧୁଆ ଅପରାହ୍ନରେ,
ଦର ଆଉଜା କବାଟରେ
ମଳୟ ଦେଇଥିଲା ମୃଦୁ ଆଘାତ...
ଦୁହେଁ ଅଜଣା ପୁଲକରେ ଶିହରିତ
ମୋ ଶରୀରରୁ ନିଜକୁ କାଢ଼ିନେଲ,
ଜମାଟ ବାନ୍ଧି ଆସୁଥିବା ଭୟରେ...
ସବୁ ନାହିଁ ନାହିଁରେ ବି
ଗୋଟିଏ ସ୍ମୃତି ନିର୍ମାଣରେ ଦୁହେଁ ମଗ୍ନ
କୋଟିଏ ଅଭିଶାପର କାରଣ ହୋଇ...
ସ୍ୱ ବିସର୍ଜନରେ ଆତ୍ମାକୁ ସଲିଳ ସମାଧି ଦେଇ
ଅଟକି ଥିବା ଘଣ୍ଟା କଣ୍ଟା ଅଟକି ନଥିଲା
ବିଳମ୍ବରେ ଚାଲୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍,
ସମୟ ସହ ମିଶି ସାରିଥିଲା...
ଶଷ୍ଟା ମଦ୍ୟରେ ସାଉଁଟିଥିବା ନିଜ,
ରିକ୍ସା ବାଲାର ଭାଙ୍ଗି ସାରିଥିଲା
ସେତିକିବେଳେ,
'ସମୟ' ଆମ ପାଇଁ ଅଭିଧାନର ଏକ ବର୍ଜ୍ୟ ଶବ୍ଦ ଥିଲା...
ସଞ୍ଜରେ ଘରକୁ ଫେରିଛେ;
ପରିବର୍ତ୍ତନର ବୋଝକୁ ଧରି,
ଛକରେ ପୈତୃକ ନାମକୁ ନାମକୁ ନିଲାମ କରି,
ଦର୍ପଣରେ ଦର୍ପକୁ ମାରି,
ତୁମେ ପଶାଣୀ ହେବାକୁ ବ୍ୟସ୍ତ ଅହଲ୍ୟା ପରି...
ରାତି ସାରା ଶୋଇ ନାହିଁ
କୋଠରୀ ସହ ଅନ୍ଧାର ଆଲୁଅ ଖେଳିଛ,
ଉପହାର ଦିଆ ଟେବୁଲ ଲ୍ୟାମ୍ପରେ...
ଦୁଇପୃଷ୍ଠା ପଢ଼ିନ,
ବହିକୁ ଜାକି ଧରିଛି ବକ୍ଷରେ
ଯେମିତି ମୁଁ ଅଣନିଶ୍ୱାସୀ ହୋଇଥିଲି...
ତୁମ ଆତ୍ମା ଏବେ ତର୍ଜମାରେ,
କେତେ ପାପ ଆଉ କେତେ ପୁଣ୍ୟ ମିଳିଛି ସସର୍ଗରେ...
ଚନ୍ଦ୍ର ଧୌତ ଅଗଣା,
ମନରେ ଅମାବାସ୍ୟାର କାଳୀମା
ତେଜ ହୀନ ଶରୀର, ମୃତ୍ୟୁପରି ଶୀତଳ
ଆତ୍ମୀୟଙ୍କ କଟାକ୍ଷତରେ ମୁଁ ଅବିଶ୍ରାନ୍ତ
ବାପାଙ୍କ ଆଦର୍ଶ, ସ୍ୱାଧୀନତାର ତଣ୍ଟି ଚିପି
ମୁଁ ଲଜ୍ଜିତ....
ଇଏ ତ ହେବାର ଥିଲା;
ଆତଙ୍କିତ ମନକୁ ଝରକା ବାହାରେ ଫିଙ୍ଗି ଦେଇ
ପୁନଃନିର୍ମାଣରେ ଜୀବନ...
ଇତିହାସ ହେବ ସଂସର୍ଗର ମଧୁର ମିଳନ
ନଥିବ ଏଇ ବସନ୍ତ କି... ପ୍ରେମ ଲୋଭି ମଳୟ,
ମହାନଦୀରେ ବନ୍ୟା ଜଳ ପରି...
ପଡିଶା ଘର ଝିଅର ପ୍ରତିଶ୍ରୁତି ପରି।



*ଗବେଷକ*
*ପଦାର୍ଥ ବିଜ୍ଞାନ ବିଭାଗ*
*ଆଇଆଇଟି, ଧାନବାଦ*

**ସୁରେଶ ସୁଧାର ହାତକୁ ଚୁମ୍ବି କହିଲା, ମୁଁ ତମ ପ୍ରତି କରିଥିବା ଅନ୍ୟାୟର ପ୍ରାୟଶ୍ଚିତ କରିବି। ଏବେଠାରୁ ମୁଁ ସମ୍ପୂର୍ଣ୍ଣ ତୁମର ଆଉ ତୁମେ ମୋର। ସୁରେଶ ମୁହଁରୁ ଏଇ ପଦେ କଥା ଶୁଣିବାକୁ ସେ କେବେ ଠାରୁ ଚାହିଁ ରହିଥିଲା ଚାତକ ପରି। ସୁଧା ସୁରେଶର ଛାତିରେ ମୁଣ୍ଡ ରଖିଦେଇ କହିଲା, 'ଏଇଠି ତ ସ୍ୱର୍ଗ। ଆଉ କ'ଣ ଅଛି ଜୀବନରେ। ମୋ ଅଧୁରା ଜୀବନ ପୁରା ହୋଇଗଲା। ଝିଅ ଜନ୍ମ ସାର୍ଥକ ହୋଇଗଲା। ଜୀବ ଯିବା ଯାଏଁ ଏଇଠି ରଖିଥାଅ'।**

# ଏଇଠି ତ ସ୍ୱର୍ଗ

ପ୍ରିୟଦର୍ଶିନୀ ମହାନ୍ତି





**ବ**ଢ଼ିଲା ଝିଅ କେତେ ଦିନ ବା ଘରେ ରହିବ ? ହାତକୁ ଦୁଇ ହାତ ତ କରିବାକୁ ପଡିବ। ଘରେ ରଖିବେନି ବୋଲି ଯାହା ହାତରେ ନାଇଁ ତା ହାତରେ ତ ଛନ୍ଦି ଦିଆଯିବନି ନା। ସୁଧା ପାଇଁ ଯୋଗ୍ୟ ପାତ୍ରଟିଏ ଦେଖି କେମିତି ସୁରୁଖୁରୁରେ ବାହା ଦେଇଦେବେ ବୋଲି ମାଆ ସବୁବେଳେ ଚିନ୍ତିତ। କେବଳ ମାଆ ନୁହେଁ, ଭାଇ, ଭାଉଜ, ସମସ୍ତେ ଖୋଜନ୍ତି ଗୋଟେ ଭଲ ଘର ଆଉ ଭଲ ବର ସୁଧା ପାଇଁ। ବାପ ଛେଉଣ୍ଡ ପିଲା ଦୁଇଟିକୁ ମାଆନିଜ ଛତ୍ରଛାୟାରେ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ଦେଇ ବଢ଼ାଇଛନ୍ତି। ସୁଧା ମଧ୍ୟ ଉଚ୍ଚ ଶିକ୍ଷିତା। ସମସ୍ତଙ୍କର ଗେହ୍ଲା, ହସକୁରି, ବୁଝିଲା ସୁଝିଲା ଝଅଟି। ବାପ ଛେଉଣ୍ଡ ବୋଲି ମାଆ କେବେ ଅନୁଭବ କରିବାକୁ ଦେଇନାହାନ୍ତି ଦୁଇ ଛୁଆଙ୍କୁ। ସବୁ ଅଳି, ଅର୍ଦ୍ଦଳି ସହିଛନ୍ତି। କଷ୍ଟ ହେଉ ପଛେ ଇଚ୍ଛା ମୁତାବକ ସବୁ ଜିନିଷ ପିଲାଙ୍କୁ ଆଣି ଦେଇଛନ୍ତି। ପୁଅଟି ପାରିବାର ହେଲା ପରେ ମାଆ ଗୋଟେ ଭଲ ଝିଅ ଦେଖି ବିବାହ କରେଇ ଦେଲେ। ତେବେ ସୁଧାର ପରିବାର କହିଲେ ତା' ମା', ଭାଇ ଆଉ ଭାଉଜ। ସୁଧା ପାଇଁ ଉପଯୁକ୍ତ ପାତ୍ର ଖୋଜିବାରେ ବ୍ୟସ୍ତ ଥାନ୍ତି ସମସ୍ତେ।

ଦିନେ ଜଣେ ଭଦ୍ରବ୍ୟକ୍ତି ଏକ ଭଲ ପାତ୍ରର ପ୍ରସ୍ତାବ ନେଇ ଆସିଲେ ସୁଧ ଘରକୁ। ବ୍ୟକ୍ତି ଜଣଙ୍କ ପାତ୍ରଟିର (ପୁଅଟିର) ଫଟୋ ଦେଖେଇଲେ। ପୁଅଟି ଦେଖିବାକୁ ସୁନ୍ଦର। ଭଦ୍ରବ୍ୟକ୍ତିଟି ଯାହା କହିଲେ, ପୁଅର ନାମ ସୁରେଶ, ଉଚ୍ଚ ଶିକ୍ଷିତ, ଭଲ ଘର ମଧ୍ୟ। ଗୋଟେ ବଡ କମ୍ପାନୀରେ ଚାକିରି କରେ। ଘରେ କେବଳ ବାପା, ମାଆ। ଭଉଣୀଟି ବିବାହିତ। ସମସ୍ତଙ୍କ ମନକୁ ପ୍ରସ୍ତାବଟି ପାଇଲା। ପୁଅ ଘରକୁ ଖବର ଦିଆଗଲା, ଭଲ ଦିନ ଦେଖି ଝିଅ ଘରକୁ ବୁଲି ଆସିବାକୁ। ପୁଅ ଘର ଲୋକ ଆସିଲେ। ଝିଅକୁ ମଧ୍ୟ ଦେଖି ପସନ୍ଦ କରିଗଲେ। କିଛିଦିନ ପରେ ବାହାଘର ହେଲା। ଉଚିତ ବେଭାର ଦେଇ ସୁଧାକୁ ମା', ଭାଇ, ଭାଉଜ ବିଦାୟ ଦେଲେ।

ସୁଧା ପାଇଁ ଶାଶୁଘର ଓ ଘରର ଲୋକ ସମସ୍ତେ ନୂଆ। ବୈବାହିକ ଜୀବନକୁ କେମିତି ସୁରୁଖୁରୁରେ ଆଗେଇ ନେବ ସେ କଥା ସୁଧା ଭାବୁଥାଏ। ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ ତା' ଜୀବନରେ। ସେ ନିଜକୁ ନିଜେ ପ୍ରସ୍ତୁତ କରୁଥାଏ। ସମସ୍ତଙ୍କ ମନ ଜିଣି ରହିବାକୁ ପଡିବ। ଏଣିକି ସ୍ୱାମୀ, ଶାଶୁ, ଶ୍ୱଶୁର ତା'ର ସବୁ କିଛି। ପ୍ରଥମ ମିଳନ ରାତି। ସୁଧା ଦେଖୁଥାଏ ଅନେକ ସ୍ୱପ୍ନ। ଦେଖିବା ବି ସ୍ୱାଭାବିକ। ସେଦିନ ରାତିରେ ସୁଧା ଥାଏ କୋଠରୀ ଭିତରେ ସୁରେଶକୁ ଅପେକ୍ଷା କରି। ସୁରେଶ ଆସିବାର ଏତେ ବିଳମ୍ବ କରିବାର ଦେଖି ସୁଧା ଚାହିଁ ବସିଥାଏ। ଅପେକ୍ଷା କରି କରି ସୁଧାର ଆଖି ଲାଗିଯାଇଛି। ମଧ୍ୟରାତ୍ରୀରେ ସୁରେଶ ଆସି ଦେଖେ ତ ସୁଧା ଶୋଇଯାଇଛି। କିଛି ନ କରି ସୁରେଶ ତକିଆଟିକୁ ଆଣି ତଳେ ବିଛଣା ବିଛେଇ ଶୋଇଗଲା।

ସକାଳ ହେଲା। ସୁଧା ଉଠି ଦେଖେ ତ ସୁରେଶ ତଳେ ଶୋଇଛି। ସୁଧା କହିଲା, 'ଏଠି କ'ଣ ପାଇଁ ଶୋଇଛ ? ରାତିରେ ମୁଁ କେତେବେଳେ ଶୋଇପଡିଛି ଜାଣିପାରିଲିନି'। ସୁରେଶ ଉତ୍ତର ଦେଲା, 'ଠିକ୍ ଅଛି, କିଛି ଅସୁବିଧା ନାହିଁ। ମୋର ଟିକେ କାମ ଥିଲା ସେଥିପାଇଁ ଡେରି ହେଇଗଲା ରାତିରେ ଫେରିବା। ଆଉ ତମେ ବି ହାଲିଆ ହେଇଯାଇଥିବ ଭାବି ଆଉ ଉଠେଇବାକୁ ଇଚ୍ଛା ହେଲାନାହିଁ'। ସୁଧା ମନେ ମନେ ଭାବୁଥାଏ ଆଉ ହସୁଥାଏ ଯାହା ହେଉ ସେ କେତେ ଭାଗ୍ୟବୀତ ସୁଶେ ଭଳି ସ୍ୱାମୀଟିଏ ପାଇଛି। ଆଉ ଏଇଟା ବି ସତ ଯେ ସେ ବହୁତ ହାଲିଆ ହେଇଯାଇଥିଲା। ଏବେଠାରୁ କେତେ ଯତ୍ନ ନେଉଛନ୍ତି ତା'ର ଏମିତି ବହୁତ କମ ପୁଅ ଥାଆନ୍ତି ଯିଏ ସ୍ତ୍ରୀର ମନ କଥା ବୁଝିପାରନ୍ତି। ସ୍ତ୍ରୀର ଖୁସି ଚାହାନ୍ତି। ହେଲେ ଗୋଟେ କଥା ସୁରେଶ ଖଟ ଉପରେ ବି ତ ଶୋଇପାରିଥାନ୍ତେ କିନ୍ତୁ ତଳେ କ'ଣ ପାଇଁ... ? ସୁଧା ପୁଣି ମନେ ମନେ ବୁଝେଇ କହିଲା, 'ମୁଁ କେତେ ଅଳାଜୁକିଟା ସତେ। ମୁଁ ଶୋଇପଡିବାର ଦେଖି ବୋଧେ ସେ ମୋ ପାଖକୁ ଆସିବାକୁ ସଂକୋଚ ଅନୁଭବ କରିଥିବେ। ସେଥିପାଇଁ ତଳେ ଶୋଇପଡିଥିବେ। ଠିକ୍ ଅଛି ଏମିତି ବହୁତ ରାତି ଜୀବନରେ ଆସିବ'। ଏଭଳି ଭାବନା ଭିତରେ ସୁରେଶ ଉଠି ଚାଲିଯାଇଥାଏ।

ସୁରେଶ ନିତ୍ୟକର୍ମ ସାରି ଖାଇ ପିଇ ଅଫିସ ପାଇଁ ବାହାରିଗଲା। ଏଣେ ଘରେ ସୁଧା ଶାଶୁ, ଶ୍ୱଶୁରଙ୍କ ସେବା ଯତ୍ନ ଠାରୁ ଆରମ୍ଭ କରି ଘରର ସମସ୍ତ ଯାବତୀୟ କାମ କରେ। ଶାଶୁ ଶ୍ୱଶୁରଙ୍କ ବହୁତ ପ୍ରିୟ ହୋଇସାରିଥାଏ ସୁଧା। ଏମିତି କିଛିଦିନ ବିତିଗଲା। ସୁରେଶ କିନ୍ତୁ ସୁଧାର ନିକଟତର ହେଉନଥାଏ। ପ୍ରତ୍ୟେକ ରାତିରେ ଡେରିରେ ରକୁ ଆସିବା ଓ ଏକ ଅଜଣା ପୁରୁଷ ପରି ଗୋଟିଏ ଖଟରେ ଶୋଇବା ସୁରେଶର ଅଭ୍ୟସ୍ତ ହୋଇସାରିଥାଏ। ସୁଧା କିଛି ପଚାରିଲେ କାମର ଚାପ, ଦେହ ଭଲ ନାହିଁ, ନିଦ ଲାଗୁଛି, ସକାଳେ ଜଲ୍‌ଦି ଉଠିବି କହି ସୁରେଶ ସୁଧାର କଥାକୁ ଟାଳିଦିଏ। ସୁରେଶର ବ୍ୟବହାର କଦର୍ଯ୍ୟ ନଥିଲା। ସୁରେଶ ଶାରୀରିକ ଭାବେ ଆଘାତ ନ କରିଲେ ମଧ୍ୟ ତା'ର ବ୍ୟବହାର ସୁଧାକୁ ମାନସିକ ଯନ୍ତ୍ରଣା ଦେଉଥାଏ। ସୁରେଶର ଏ ପ୍ରକାର ଦୂରତା ଏବଂ ଅଜଣା ପରି ବ୍ୟବହାର ତାକୁ ବହୁତ ଦୁଃଖ ଦିଏ। ସୁଧା ସୁରେଶର ବ୍ୟବହାରରେ ନ ରାଗିଲେ ମଧ୍ୟ ଏକ ପ୍ରକାର ସନ୍ଦେହରେ ଥାଏ ଯେ ସୁରେଶର ଏଭଳି ବ୍ୟବହାର କ'ଣ ପାଇଁ ? କ'ଣ ପାଇଁ ସୁରେଶ ତାକୁ ସ୍ତ୍ରୀର ଦରଜା ଦେବାକୁ କୁଣ୍ଠାବୋଧ କରୁଛନ୍ତି ? ସୁରେଶ କ'ଣ ତା ସହ ଖୁସି ନୁହଁନ୍ତି ? କେବେ ବି ସୁରେଶ ତା ପ୍ରତି ଆକର୍ଷିତ ହୁଏନି। ସେ ନିଜକୁ ଯେତେ ସଜେଇଲେ ମଧ୍ୟ ସୁରେଶ କେବେ ମୁଣ୍ଡଟେକି ଦେଖିନି ତା ରୂପ, ଯୌବନକୁ। ଦୁନିଆ ଆଖିଆରେ ସେମାନେ ଦମ୍ପତି କିନ୍ତୁ ତାଙ୍କ ଦାମ୍ପତ୍ୟ ଜୀବନ କିଛି ଠିକ୍ ନଥିଲା। ସୁଧା ନିଜ ନିଜକୁ ହିଁ ଦୋଷ ଦିଏ, ବୋଧ ହୁଏ ତା'ର କିଛି କମି ରହିଯାଇଛି। ଶାଶୁ, ଶ୍ୱଶୁର କିମ୍ବା ମା', ଭାଇ, ଭାଉଜଙ୍କୁ ଏକଥା କହି ସେମାନଙ୍କୁ କଷ୍ଟ ଦେବାକୁ ଚାହୁଁନଥିଲା ସୁଧା। ବିବାହର ଦୁଇମାସ ବିତିଯାଇଥିଲେ ମଧ୍ୟ ସୁଧା ଓ ସୁରେଶ ମଧ୍ୟରେ ସ୍ୱାମୀ ସ୍ତ୍ରୀ ପରି ସମ୍ପର୍କ ନଥିଲା। ଗୋଟିଏ ଘର, ଗୋଟିଏ ଛାତରେ, ଗୋଟିଏ ଖଟରେ ରାତି ବିତୁଥିଲେ ମଧ୍ୟ ଉଭୟ ଉଭୟଙ୍କ ପାଇଁ ଅପରିଚିତ। ସୁଧା କିନ୍ତୁ ବହୁତ ଭଲ ପାଇସାରିଥିଲା ସୁରେଶକୁ। ସ୍ୱପ୍ନ ଦେଖିବା ଛାଡି ନଥିଲା କି ବିଶ୍ୱାସ ହରେଇ ନଥିଲା ସୁଧା। ଦିନେ ନା ଦିନେ ସୁରେଶକୁ ସେ ନିଜର କରିନେବ ଏ ଆତ୍ମବିଶ୍ୱାସ ନେଇ ସେ ନିଜର ସ୍ତ୍ରୀ ଧର୍ମ ପାଳନ କରୁଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଖାଇ ଚାହିଁ ରହିଥାଏ ସୁରେଶର ବାଟକୁ। ପ୍ରତିଟି ଜିନିଷକୁ ଅତି ଯତ୍ନରେ ସାଇତି ରଖେ। ନ ମାଗୁଣୁ ହାତ ପାଖରେ ପହଞ୍ଚାଇଦିଏ ସୁରେଶର।

ଦିନକର କଥା ସୁରେଶ ଅଫିସ ଯାଇସାରିଥାଏ। ସୁଧା ନିଜର ବେଡ୍ ରୁମ୍ ସଫା କରୁ କରୁ ଥାକରୁ ଗୋଟେ ଡାଏରୀ ପାଇଲା। ଉପରେ ସୁରେଶ ନାଁ ଲେଖାଥାଏ। ସୁରେଶ ବି ଡାଏରୀ ଲେଖନ୍ତି ଜାଣି ତାକୁ ପଢ଼ିବାକୁ ବହୁତ ଉତ୍କଣ୍ଠାରେ ଖୋଲିଲା। ତା'ପରେ ସେ ଯାହା ଦେଖିଲା ତା ଆଖିକୁ ବିଶ୍ୱାସ କରିପାରିଲାନି। ଏ କ'ଣ ଡାଏରୀ ଭିତରେ ଏ ଫଟୋ ? ସୁରେଶ ସହିତ ଏ ଝିଅ କିଏ ? ଫଟୋ ପଛପଟେ ଲେଖା ଅଛି ସୁରେଶ ସହିତ ଦୀପିକା। ତେବେ ସୁରେଶ କ'ଣ... ? ଡାଏରି ଖୋଲି ଗୋଟେ ପରେ ଗୋଟେ ପୃଷ୍ଠା ପଢ଼ିବାକୁ ଲାଗିଲା। ଲୁହରେ ତା' ଆଖି ଛଳ ଛଳ ହେଇଗଲା। ଅକ୍ଷର ସ୍ପଷ୍ଟ ଦିଶୁନଥାଏ। ତଥାପି ସେ ପଢ଼ିଲା ପୁରା ଡାଏରୀ। ଡାଏରୀ ପଢ଼ି ଜାଣିପାରିଲା ସୁରେଶ ଦୀପିକା ବୋଲି ଝିଅକୁ ଭଲ ପାଆନ୍ତି।

ପଢ଼ି ସାରି ଲଥ୍ କରି ବସି ପଡିଲା ବେଡ୍ ଉପରେ। ସେ ବହୁ ପୂର୍ବରୁ ଖୋଜୁଥିବା ପ୍ରଶ୍ନର ଉତ୍ତର ପାଇଗଲା। ତେବେ ସୁରେଶଙ୍କର ଅନିଚ୍ଛାରେ ଏ ବାହାଘର ହୋଇଛି। ସେଥିପାଇଁ ଆଜିଯାଏ ତାକୁ ନିଜର କରିପାରିନାହାନ୍ତି। ଆଜିଯାଏଁ ତାକୁ ସ୍ତ୍ରୀର ଆସନ ଦେଇ ପାରିନାହାନ୍ତି। ଆଜି ବି ସୁରେଶ ଦୀପିକାକୁ ଭଲ ପାଆନ୍ତି। ତା' ସହ ସମୟ ବିତାଇ ସୁରେଶ ବିଳମ୍ବିତ ରାତିରେ ଘରକୁ ଫେରନ୍ତି। ଯାଠାରୁ ଦୁଃଖ ଆଉ ଲଜ୍ଜ୍ୟାର ବିଷୟ କ'ଣ ଥାଇପାରେ ଗୋଟେ ସ୍ତ୍ରୀ ପାଇଁ। ଯାହାର ସ୍ୱାମୀ ବିବାହ ପରେ ମଧ୍ୟ ନିଜ ପ୍ରେମିକାକୁ ଭୁଲିପାରୁନି। ଗୋଟେ ସ୍ତ୍ରୀ ହୋଇ ଯିଏ ସ୍ୱାମୀକୁ ନିଜ ପ୍ରତି ଆକର୍ଷିତ କରିପାରେନି ତେବେ ତା'ର ସ୍ତ୍ରୀ ବୋଲାଇବା ବ୍ୟର୍ଥ। ସୁରେଶଙ୍କର କିଛି ଭୁଲ ନାହିଁ। ଘର ଲୋକଙ୍କ ଇଚ୍ଛା ବିରୁଦ୍ଧରେ ସିଏ ବା କେମିତି ଯାଇଥାନ୍ତେ। ସେଥିପାଇଁ ବାଧ ହୋଇ ବାହା ହେବା ପାଇଁ ରାଜି ହୋଇଥିବେ। ସୁଧା ମନରେ ଥିବା ସନ୍ଦେହର କୁହୁଡି ହଟିସାରିଥାଏ। ଅନେକ କାନ୍ଦିବା ପରେ ସୁଧା ନିଷ୍ପତ୍ତି ନେଲା ଏ ବିଷୟରେ ସେ କାହାକୁ କିଛି ଜଣାଇବ ନାହିଁ। ଏପରିକି ସୁରେଶକୁ ବି ନୁହଁ। ସେ ଚାହେଁନି ସୁରେଶକୁ ଲଜ୍ଜିତ କିମ୍ବା ଛୋଟ କରିଦେବାକୁ। ତେଣୁ ସୁରେଶ ନ ଜାଣିବାଟା ଠିକ୍। ସେ ନିଜକୁ ପ୍ରସ୍ତୁତ କରିଲା ସୁରେଶ ସହ ଆଗପରି ଚଳିବାକୁ ଯେମିତି କି ସେ ସୁରେଶ ବିଷୟରେ କିଛି ଜାଣିନି। ସୁଧାର ଆତ୍ମବିଶ୍ୱାସ ଥିଲା ଯେ, ସେ ଦିନେ ନା ଦିନେ ସୁରେଶଙ୍କୁ ନିଜର କରିବ। ଡେରି ହେଇପାରେ କିନ୍ତୁ ତାକୁ ଧୈର୍ଯ୍ୟ ଧରି ସେ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟ କରିବାକୁ ପଡିବ। ଏତକ ଭାବି ସୁଧା ଲୁଗା ପଣତରେ ଲୁହ ପୋଛି ନିଜ କାମରେ ଲାଗିଗଲା।

ଠିକ୍ ସବୁଦିନ ପରି ସେଦିନ ମଧ୍ୟ ସୁରେଶ ବିଳମ୍ବରେ ଆସିଲା। ସୁଧା ମଧ୍ୟ ଅପେକ୍ଷା କରିଥାଏ ସୁରେଶକୁ। ଲୁହ କୋହକୁ ଚାପିଧରି ସୁଧା ଘରଟା ଭିତରେ ଯନ୍ତ୍ରଚାଳିତ କଣ୍ଢେଇ ପରି ନିଜ କାମ କରେ। ସବୁ ଆବେଗ, ଅଭିମାନକୁ ଲୁଚେଇ। କେହି ଯେପରି ନ ପଢ଼ିପାରୁ ତା ଆଖିର ଭାଷା, ତା ଉଦାସ ମୁହଁର ବର୍ଣ୍ଣବୋଧ। ସୁଧା ମିଛ ହସର ମୁଖା ପିନ୍ଧି ଲୁଚେଇଦିଏ ଦୁଃଖ। ଏପରି କିଛିଦିନ ଗଲା। ଲୁଚି ଲୁଚି ରୁମ୍‌ରେ କାନ୍ଦିବା ଆଉ ଲୁହ ପୋଛି ହସି ହସି ବାହାରକୁ ଆସିବା ତା'ର ଅଭ୍ୟାସ ହେଇଗଲାଣି। ଥରେ ଥରେ ସୁରେଶ ପଢ଼ିନିଏ ସୁଧା ମୁହଁକୁ ଆଉ ପଚାରେ କ'ଣ ଅସୁବିଧା ହେଇଛି କି ? ସୁଧା ଉତ୍ତର ଦିଏ ନା କିଛି ନାହିଁ, ଟିକେ ଥଣ୍ଡା ହେଇଯାଇଛି। ସୁରେଶ ମଧ୍ୟ କାଳ ବିଳମ୍ବ ନ କରି ଔଷଧ ଆଣି ସୁଧାକୁ ଦେଇଦିଏ। ସୁରେଶର ଏମିତି ବ୍ୟବହାର ଦେଖି ସୁଧା ବହୁତ ଖୁସି ହେଇଯାଏ। ଏକ ଆଭାସ ଆସେ ଯେ ସୁରେଶ ହୁଏ ତ ବହୁତ ଜଲ୍‌ଦି ତାକୁ ସ୍ତ୍ରୀର ମର୍ଯ୍ୟାଦା ଦେବେ। ସୁଧାର ଆତ୍ମବିଶ୍ୱାସ ବଳବତ୍ତର ହେଉଥାଏ।

ଏମିତି ଅନେକ ଦିନ ବିତିଗଲା। ସବୁ ଦିନ ଭଳି ସେଦିନ ମଧ୍ୟ ସୁରେଶକୁ ଅପେକ୍ଷା କରିଥାଏ ସୁଧା। ସେ ଜାଣିଥାଏ ସ୍ୱାମୀ ତା'ର ଦୀପିକା ସହ ସମୟ ବିତାଇ ଆସିବେ। ହେଲେ ମଧ୍ୟ କ'ଣ ଯାଏ। କେବଳ ଆଜି ନୁହେଁ ବାହା ବାସିରୁ ସେ ଅନେଇ ବସେ ପ୍ରତି ରାତିରେ ସ୍ୱାମୀର ବାଟ। ହେଲେ ଆଜି ଏତେ ବିଳମ୍ବ କାହିଁକି ? ଏତେ ବେଳକୁ ତ ସୁରେଶ ଆସିଯିବା କଥା। କ'ଣ କିଛି ଅଘଟଣ ଘଟିଲା ? ଏମିତି ଭାବି ଭାବି ଘରଟା ଭିତରେ ପଦାଚରଣ କରୁଥାଏ ସୁଧା। ଘଣ୍ଟାକୁ ବାରମ୍ବାର ଦେଖୁଥାଏ। ତା' ହୃଦ ସ୍ପନ୍ଦନ ବଢ଼ି ବଢ଼ି ଚାଲିଥାଏ। ମନକୁ ଏଣୁ ତେଣୁ ବହୁତ କିଛି ଖରାପ ଭାବନା ଆସିଯାଉଥାଏ। ବହୁତ ସମୟ ପରେ ଭାବିଲା ସୁରେଶକୁ ଫୋନ କରିବ। ଫୋନ କରିବାରୁ ରିଙ୍ଗ ହେଇ ହେଇ କଟିଗଲା ଅଥଚ ସୁରେଶ ରିସିଭ କଲାନି। ତା ମନ ବ୍ୟତିବ୍ୟସ୍ତ ହେଇଯାଉଥାଏ। ପୁଣିଥରେ ଫୋନ କରିଲା। କେହି ଜଣେ ରିସିଭ କରି କହିଲେ, ହସ୍ପିଟାଲର ରିସେପସନ୍‌ରୁ କହୁଥିଲି। ଫୋନ୍‌ଟି ଯାହାର ସେ ବର୍ତ୍ତମାନ ଡାକ୍ତରଖାନାରେ। ଜଲ୍‌ଦି ଆସନ୍ତୁ ପେସେଣ୍ଟର ଅବସ୍ଥା ଗୁରୁତର। ଏତକ ଶୁଣି ସୁଧା ମୁଣ୍ଡ ଉପରେ ପାହାଡ ଛିଡି ପଡିଲା ଭଳି ଲାଗିଲା। କଚାଡି ହୋଇ ପଡିଲା ଭୂଇଁ ଉପରେ। କ'ଣ କରିବ କିଛି ମୁଣ୍ଡକୁ ବୁଦ୍ଧି ଆସିଲାନି। ରାତି ଆସି ଗୋଟେ ହେଲାଣି। ଶାଶୁ, ଶ୍ୱଶୁରଙ୍କୁ କ'ଣ ବା ଜଣେଇବ। ଶୁଣି, ସହିପାରିବେନି ଏ କଥା ଏମିତି ସ୍ଥିତିରେ ସେ କାହାକୁ ସମ୍ଭାଳିବ। ସେ ନିଷ୍ପତ୍ତି ନେଲା କାହାକୁ କିଛି ନ କହି ହସ୍ପିଟାଲ ଯିବ।

ଅଟୋ କରି ହସ୍ପିଟାଲ ଗଲା। ରକ୍ତ ଜୁଡୁବୁଡୁ ସୁରେଶକୁ ଦେଖି ତଟସ୍ଥ ହୋଇଗଲା। ବିଶ୍ୱାସ କରିପାରିଲାନି ତା' ଆଖିକୁ। ସୁରେଶ ସଂଜ୍ଞାହୀନ। ନିଜକୁ ଦୃଢ଼ କରିନେଲା ସୁଧା। ଏପରି ଅବସ୍ଥାରେ ସେ ଭାଙ୍ଗିପଡିଲେ ଜମା ବି ହେବନି। ତାକୁ ହିଁ ସବୁ କରିବାକୁ ପଡିବ। ଡାକ୍ତର କହିଲେ ମୁଣ୍ଡରେ ଆଘାତ ଲାଗିଛି। ଜଲଦି ଅପରେସନ କରିବାକୁ ପଡିବ। ଓ.ଟି. ଭିତରକୁ ସୁରେଶକୁ ନିଆଗଲା। ବାହାରେ ସୁଧା ସବୁ ଫରମାଲ୍ଟିକୁ ପୁରା କରିଲା। ଘରୁ ସାଙ୍ଗରେ ଆଣିଥିବା ଟଙ୍କାକୁ ଡିପୋଜିଟ୍ କଲା। ଓ.ଟି ବାହାରେ ଅପେକ୍ଷାରେ ବସିଲା। କାନ୍ଦ କାନ୍ଦ ହୋଇ ବାହାରେ ବସି ଠାକୁରଙ୍କୁ ଖାଲି ଡାକୁଥିଲା। ତାଙ୍କ ଛଡା ଆଉ କିଏ ବା ସାହା ତା'ର ଏ ଅବସ୍ଥାରେ। ଅପରେସନ ସରିଲା। ଡାକ୍ତର ବାହାକୁ ଆସି ରୋଗୀ ଅବସ୍ଥା ଠିକ୍ ଅଛି ବୋଲି କହିଲେ। ଏବେ ସେ ସଜ୍ଞାହୀନ। କିଛି ସମୟ ପରେ ସଂଜ୍ଞା ଆସିଯିବ ତା'ପରେ ଦେଖା କରିପାରିବ ବୋଲି ଡାକ୍ତର କହି ଚାଲିଗଲେ। ସକାଳ ହେଇ ଆସୁଥାଏ। ସୁଧା ଫୋନ କରି ତା' ବାପ ଘରେ ଆଉ ଶାଶୁ, ଶ୍ୱଶୁରଙ୍କୁ ଜଣେଇଲା। ସମସ୍ତେ ଆସି ପହଞ୍ଚିଲେ ହସ୍ପିଟାଲରେ। ହଠାତ ଏ କଥା ଶୁଣି ସବୁ ତାଜୁବ ହୋଇଗଲେ। ଧାଇଁ ଆସିଲେ ସମସ୍ତେ ହସ୍ପିଟାଲ। ପରିବେଶ ଶୋକାକୁଳ ହୋଇଗଲା। ସୁଧା ସମସ୍ତଙ୍କୁ ଆଶ୍ୱାସନା ଦେଲା। ଏବେ ସୁରେଶ ଠିକ୍ ଅଛନ୍ତି ବୋଲି କହିଲା। ସୁଧା ଭାବୁଥାଏ ସେ ଠିକ୍ କରିଛି ରାତିରେ କାହାକୁ କିଛି ନ ଜଣେଇ। ସୁରେଶକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି କ'ଣ ଯେ ବିତିଥାନ୍ତା ସମସ୍ତଙ୍କ ଉପରେ। ସମ୍ଭାଳିବାଟା କଷ୍ଟ ହୋଇଯାଇଥାନ୍ତା ସମସ୍ତଙ୍କୁ।

ଏହା ଭିତରେ ସୁରେଶର ଚେତା ଆସିଯାଇଥାଏ। କେବଳ ଜଣେ ହିଁ ଦେଖା କରିବାର ଅନୁମତି ଥାଏ। ସୁଧା ଓ.ଟି. ଭିତରକୁ ଯାଇ ସୁରେଶ ପାଖରେ ବସିଲା। ସୁରେଶ ଆଖିରୁ ଦୁଇ ଧାର ଲୁହ ବୋହିଗଲା। ସୁରେଶର ପୂର୍ବ ରାତି କଥା ସବୁ ମନେ ପଡିଲା ଘରକୁ ଫେରିଲା ବେଳଗୁ ଗାଡି ଦୁର୍ଘଟଣା। ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡିଥିବା ଅବସ୍ଥାରେ ଦୀପିକାକୁ ଫୋନ କରି ନିଜର ଏ ଦୁର୍ଘଟଣା ବିଷୟରେ କହିଥିଲା। ଦୀପିକା ସ୍ପଷ୍ଟ ମନା କରିଦେଇଥିଲା ଏତେ ରାତିରେ କିଛି ସୁବିଧା ନାହିଁ, କେମିତି ବାହାକୁ ଯିବ କହି ଫୋନ କାଟିଦେଇଥିଲା। ତା'ପରେ ତାର ଆଉ କିଛି ମନେନାହିଁ।

ସୁରେଶ କରୁଣ ଚାହାଣୀରେ ଚାହିଁଥାଏ ସୁଧାକୁ। ସୁରେଶ ନିଜ ପ୍ରେମ ପାଇଁ ସୁଧା ଉପରେ କରିଥିବା ଅନ୍ୟାୟକୁ ମନେପକାଉଥାଏ। ଆଜିଯାଏଁ ତାକୁ ସ୍ତ୍ରୀର ଦରଜା ଦେଇନି। ସୁଧାକୁ ସେ ନିଜର କରିପାରିନି। ବହୁତ ଅବିଚାର କରିଛି ତା ପ୍ରତି। କିନ୍ତୁ ସେ ନିଷ୍ଠାର ସହ ପତ୍ନୀ ଧର୍ମ ପାଳନ କରିଛି। ଅଥଚ୍ ଯାହାକୁ ସେ ସବୁଠୁ ବେଶି ଭଲ ପାଏ, ସେ ତା' ଅସୁବିଧାରେ ବି ସାହାଯ୍ୟ କଲାନି। ନିର୍ଜନ, ଶୂନଶାନ ରାତିରେ ମରଣ ମୁହଁରେ ପଡି ସେ ଫୋନ କରି ନିଜର ଅସହାୟତା କହିଥିଲା। ହେଲେ ବଦଳରେ ପ୍ରତ୍ୟାଖ୍ୟାନ ମିଳିଲା। ସୁରେଶ ଆଖିରୁ ଝର ଝର ହୋଇ ଲୁହ ଝରି ଆସୁଥାଏ। ସୁଧା ଲୁହ ପୋଛିବାକୁ ଯାନ୍ତେ ସୁରେଶ ତା'ର ହାତକୁ ଧରି ପକାଇ କହିଲା, ସୁଧା ମୋର ଭୁଲ କ୍ଷମା କର। ତମ ପରି ଦେବୀକୁ ଚିହ୍ନିବାରେ ମୁଁ ଭୁଲ କଲି। ବହୁତ ଅନ୍ୟାୟ, ଅବିଚାର କରିଛି ତୁମ ସହ। ବହୁତ କିଛି ଲୁଚେଇଛି ତୁମକୁ। ଘରକୁ ଗଲେ ମୋ ବିଗତ ସବୁ କଥା କହିବି। ମତେ ନର୍କରେ ବି ଜାଗା ମିଳିବନି। ଏତିକିରେ ସୁଧା ସୁରେଶର ପାଟିକୁ ଆଉ ଗୋଟେ ହାତରେ ଚୁପ କରି ଦେଇ କହିଲା, କିଛି କହିବା ଦରକାର ନାହିଁ। ମୁଁ ସବୁ ଜାଣେ। ମତେ କିଛି ଅଛପା ନାହିଁ। ଆଉ ମୋର ଯଥେଷ୍ଟ ଆତ୍ମବିଶ୍ୱାସ ଥିଲା ଯେ, ମୁଁ ଦିନେ ନା ଦିନେ ନିଶ୍ଚୟ ତୁମକୁ ନିଜର କରିନେବି। ଏବେ ସେ ପୁରୁଣା କଥା ଆଉ ଆଲୋଚନା ନାହିଁ। ସୁରେଶ ସୁଧାର ହାତକୁ ଚୁମ୍ବି କହିଲା, ମୁଁ ତମ ପ୍ରତି କରିଥିବା ଅନ୍ୟାୟର ପ୍ରାୟଶ୍ଚିତ କରିବି। ଏବେଠାରୁ ମୁଁ ସମ୍ପୂର୍ଣ୍ଣ ତୁମର ଆଉ ତୁମେ ମୋର। ସୁରେଶ ମୁହଁରୁ ଏଇ ପଦେ କଥା ଶୁଣିବାକୁ ସେ କେବେ ଠାରୁ ଚାହିଁ ରହିଥିଲା ଚାତକ ପରି। ସୁଧା ସୁରେଶର ଛାତିରେ ମୁଣ୍ଡ ରଖିଦେଇ କହିଲା, 'ଏଇଠି ତ ସ୍ୱର୍ଗ। ଆଉ କ'ଣ ଅଛି ଜୀବନରେ। ମୋ ଅଧୁରା ଜୀବନ ପୁରା ହୋଇଗଲା। ଝିଅ ଜନ୍ମ ସାର୍ଥକ ହୋଇଗଲା। ଜୀବ ଯିବା ଯାଏଁ ଏଇଠି ରଖିଥାଅ'।

*ଏସ୍‌ଆର-୭, ଟଙ୍କାପଣି ରୋଡ-୪*
*ପାଣ୍ଡବନଗର, ଭୁବନେଶ୍ୱର-୭୫୧୦୧୮*
*ଦୂରଭାଷ : ୯୩୩୭୫୧୫୮୫୩*








ପ୍ରିୟାନୀ ପ୍ରିୟଦର୍ଶିନୀ ଦାଶ
ଷ୍ଟାଣ୍ଡାର୍ଡ- ୭
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର
ଭୁବନେଶ୍ୱର





ଆଦ୍ୟାଶା ପଣ୍ଡା
ଷ୍ଟାଣ୍ଡାର୍ଡ-୪
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର
ଭୁବନେଶ୍ୱର





# ସମସ୍ୟା ଘେରରେ ବିଶଲକଣା ପ୍ରାଥମିକ ବିଦ୍ୟାଳୟ

## ପ୍ରାଚୀର ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ଅସହଯୋଗ

**ବନ୍ତ :** ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଓ ପିଲାମାନଙ୍କୁ ଶିକ୍ଷାମନସ୍କ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହ ସେଥି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସ୍ଥଳେ ବହୁ ସ୍ଥାନରେ ଗ୍ରାମବାସୀଙ୍କ ଅସହଯୋଗ ଫଳରେ ଏହି ସବୁ ଯୋଜନା ଫଳପ୍ରଦ ହେଉନଥିବା ପରିଲକ୍ଷିତ ହେଉଛି । ଏହି ପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଂଚାୟତ ଅନ୍ତର୍ଗତ ବିଶଲକଣା ପ୍ରାଥମିକ ବିଦ୍ୟାଳୟ ଠାରେ । ଏହି ବିଦ୍ୟାଳୟଟି ୧୯୬୭ ମସିହାରେ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନାନାଦି ସମସ୍ୟା ମଧ୍ୟ ଦେଇ ଗତି କରୁଛି । ଯଦ୍ଦ୍ୱାରା ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରୁ ନାହିଁ । ୫୪ଜଣ ଛାତ୍ରଛାତ୍ରୀ ବର୍ତ୍ତମାନ ଏଠାରେ ଅଧ୍ୟୟନ କରୁଛନ୍ତି । ୨ଟି ଗୃହରେ ୫ଟି ଶ୍ରେଣୀର ପାଠ ପଢ଼ା ଚାଲିଛି । ତେଣୁ ପିଲାମାନେ ବସିବା ସହ ଅଧ୍ୟୟନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୨ଜଣ ଶିକ୍ଷୟତ୍ରୀ,ଜଣେ ଶିକ୍ଷକ ୫ଟି



ଶ୍ରେଣୀ ପିଲାମାନଙ୍କୁ କେମିତି ଶିକ୍ଷାଦାନ କରୁଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି । ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ସଦାସର୍ବଦା ଗାଡ଼ିମଟର ଚଳାଚଳ କରିଥାଏ । ଏହି ରାସ୍ତା ପାର୍ଶ୍ୱରେ ଏହି ସ୍କୁଲଟି ଅବସ୍ଥିତ । ସ୍କୁଲର ସ୍ଥାୟୀ ପ୍ରାଚୀର ନଥିବାରୁ ପିଲାମାନଙ୍କ ସୁରକ୍ଷା କୁ ନେଇ ଅଭିଭାବକମାନେ ସଦାସର୍ବଦା ଆଶଙ୍କାରେ ରହିବା ସହ, ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଶୈକ୍ଷିକ ପରିବେଶକୁ ନଷ୍ଟ କରୁଛି । ଗତ ୨୦୧୩-୧୪ ଆର୍ଥିକ ବର୍ଷରେ ମଂଜୁରୀ ଅର୍ଥରେ ନିର୍ମିତ ଶ୍ରେଣୀ ଗୃହଟି କଂପ୍ୟୁଟର ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ହୋଇଥିଲା । ପ୍ରାକ୍ତନ ରାଜ୍ୟସଭା ସାଂସଦ ଅନୁଭବ ମହାନ୍ତିଙ୍କ ନିଜସ୍ୱ ପାଣ୍ଠିରୁ ଏହି ବିଦ୍ୟାଳୟକୁ ୬ଗୋଟି କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା କିନ୍ତୁ ଗତ ୨୦୧୮ ମସିହା ଅକ୍ଟୋବର ୨୭ତାରିଖ ରାତିରେ ସ୍କୁଲ ଅଫିସ ଗୃହତାଲାକୁ ଭାଙ୍ଗି ଏହି କମ୍ପ୍ୟୁଟର ଗୁଡ଼ିକୁ କେହି ଚୋରୀ କରି ନେଇଥିଲେ । ତେଣୁ ଏହି ସବୁକୁ ଦୃଷ୍ଟିରେ ରଖି ସ୍ଥାନୀୟ ସରପଂଚ ବିଷ୍ଣୁ ଜେନା ପଂଚାୟତରାଜ ବିଭାଗ ତରଫରୁ ପ୍ରାଚୀର ନିର୍ମାଣ ବାବଦରେ ୨ଲକ୍ଷ ଟଙ୍କା ମଂଜୁର କରିଥିଲେ ଓ ଏହି ଅର୍ଥରେ ପ୍ରାଚୀର ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ମଧ୍ୟ ଅଣାଯାଇ କାର୍ଯ୍ୟ ନିର୍ମାଣ ଆରମ୍ଭ କରିବା ସମୟରେ ଏଥିପାଇଁ ବାଧା ଉପୁଜିଥିଲା ଜାଗା ନିରୂପଣକୁ ନେଇ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି,ସଭ୍ୟସଭ୍ୟା, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ତହସିଲ କର୍ମଚାରୀଙ୍କ ସାହାର୍ଯ୍ୟରେ ଜାଗା ନିରୂପଣ କରାଯାଉଥିବା ସମୟରେ କିଛି ଗ୍ରାମବାସୀ ଏହାର ବିରୋଧ କରିଥିଲେ । ତାଙ୍କ କହିବା ଅନୁଯାୟୀ ତାଙ୍କ ନିଜସ୍ୱ ଜାଗାରେ ବିଦ୍ୟାଳୟଟିର କିଛି ଜାଗା ରହୁଛି । ଯଦ୍ଦ୍ୱାରା ଏହି କାର୍ଯ୍ୟ ଆଉ ତ୍ୱରାନ୍ୱିତ ହୋଇନପାରି ଅଟକି ରହିଛି । କଥା ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଥାନା ପର୍ଯ୍ୟନ୍ତ ଗଲାଣି କିନ୍ତୁ ସମାଧାନର ପନ୍ଥା ଆଜି ପର୍ଯ୍ୟନ୍ତ ବାହାରି ପାରି ନାହିଁ । ତେଣୁ ପିଲାମାନଙ୍କ ସୁରକ୍ଷାକୁ ନେଇ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେବାକୁ ଅଭିଭାବକ ମାନଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୃତ କର୍ମଚାରୀଙ୍କ ...

ପ୍ରସ୍ତାବକୁ କ୍ୟାବିନେଟ୍‌ରେ ପରବର୍ତ୍ତି ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ବେଳେ ଅବଶିଷ୍ଟ ସମସ୍ତ ପ୍ରସ୍ତାବ କ୍ୟାବିନେଟରେ ଅନୁମୋଦନ ଲାଭ କରିଛି । ଓଡ଼ିଶା ଖଣି ନିଗମର ଦୀର୍ଘ ମିଆଦି ଖଣିଜ ଯୋଗାଣ ନୀତିରେ ସଂଶୋଧନ କରିଛନ୍ତି । ଅର୍ଥାତ ଓଡ଼ିଶା ଖଣି ନିଗମ ଖଣିଜ ଉତ୍ତୋଳନ ବ୍ୟବସ୍ଥାରେ ପୁଞ୍ଜି ବିନିଯୋଗ କରିବା ପାଇଁ ଯେଉଁ କ୍ରେତାମାନେ ଇଚ୍ଛୁକ ରହିବେ ସେହିମାନେ ହିଁ ୫ବର୍ଷରୁ ଅଧିକ ଦୀର୍ଘ ମିଆଦି ଖଣିଜ ଯୋଗାଣ ଚୁକ୍ତି କରିବା ପାଇଁ ଉପଯୁକ୍ତ ବିବେଚିତ ହେବେ । ଏହାଦ୍ୱାରା ଓଡ଼ିଶା ଖଣି ନିଗମ ଜରିଆରେ ଅଧିକ ଖଣିଜ ଉତ୍ତୋଳନ ହୋଇପାରିବ । ସେହିଭଳି ଯେଉଁ ଖଣି ପଟ୍ଟା ଧାରୀମାନଙ୍କର କ୍ରୋମ ଖଣିପଟ୍ଟା ରହିଛି, ସେମାନଙ୍କୁ ଜାତୀୟ ଇ-ଖଣି ନିଲାମରେ ଭାଗ ନେବା ଲାଗି ଅନୁମତି ଦିଆଯିବ ନାହିଁ । ଏହାଦ୍ୱାରା କ୍ରୋମ ଭଳି କଞ୍ଚାମାଲର ଉପଯୁକ୍ତ ବଜାର ଦର ନିର୍ଦ୍ଧାରଣ କରିହେବ । ରାଜ୍ୟର ଯେକୌଣସି ସ୍ଥାନରେ ସଫ୍ଟୱେର ଟେକ୍ନୋଲଜି ପାର୍କସ୍ ଅଫ୍ ଇଣ୍ଡିଆ ତଥା ଏସ୍‌ଟିପିଆଇର ସେଣ୍ଟର ପ୍ରତିଷ୍ଠା ନିମନ୍ତେ ୩ ଏକର ପର୍ଯ୍ୟନ୍ତ ସରକାରୀ ଜମି ବିନା ପ୍ରିମିୟମ ଓ ବିନା ଇନ୍‌ସିଡେଣ୍ଟାଲ ଚାର୍ଜସ୍‌ରେ ଲିଜ୍ ସୂତ୍ରରେ ଯୋଗାଇବା ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ତେବେ ଲିଜ୍‌ରେ ପ୍ରଦାନ କରାଯିବାକୁ ଥିବା ଏହି ସରକାରୀ ଜମି ଲାଗି ଏସ୍‌ଟିପିଆଇ କର୍ତ୍ତୃପକ୍ଷଙ୍କୁ ଜମିର ବଜାର ଦରର ଏକ ପ୍ରତିଶତ ହିସାବରେ ବାର୍ଷିକ ଖଜଣା ଓ ବାର୍ଷିକ ଖଜଣାର ୭୫ପ୍ରତିଶତ ହିସାବରେ ସେସ୍ ଦେବାକୁ ପଡ଼ିବ । ସେହିଭଳି ଓଡ଼ିଶା ବେସମାରିକ ସେବା (ନିଯୁକ୍ତି , ପଦୋନ୍ନତି ଚୟନର ମାନଦଣ୍ଡ) ନିୟମାବଳୀ ୨୦୦୩ର ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛି । ଏବେ ପ୍ରଚଳିତ ନିୟମାବଳୀର ଅଧିନିୟମ -୪ର ଉପନିୟମ -୨ ଅନୁଯାୟୀ ସେହିବର୍ଷର ପ୍ରତ୍ୟଶାମୂଳକ ଖାଲିପରିଥିବା ପଦୋନ୍ନତି ପଦବୀର ୧.୨୫ ଗୁଣା କର୍ମଚାରୀଙ୍କୁ ଚୟନ କରିବା ପରିବର୍ତ୍ତେ ପଦବୀ ସଂଖ୍ୟା ସହ ସମାନ କର୍ମଚାରୀଙ୍କୁ ଚୟନ କରାଯିବାକୁ କ୍ୟାବିନେଟ୍ ମଞ୍ଜୁର କରିଛି । ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଓ ନୂଆଗାଁ ବ୍ଲକ୍‌ର ୩୮ ଟି ପଞ୍ଚାୟତ ଅନ୍ତର୍ଗତ ୨୧୯ଟି ଗ୍ରାମରେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ସର୍ବନିମ୍ନ ଟେଣ୍ଡରରେ ପୁନେସ୍ଥିତ ମେସର୍ସ ଭୋଲଟାସ କମ୍ପାନୀକୁ ୩୪୦ .୩୯ କୋଟି ଟଙ୍କାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ଗୁଡ଼ିକ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ କରାଯିବାର ଲକ୍ଷ୍ୟ ରହିଛି । ଅପରପକ୍ଷେ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ୧୧ଟି ଗ୍ରାମପଞ୍ଚାୟତ ଅଧୀନରେ ଥିବା ୧୨୩ଟି ଗ୍ରାମର ୫୭,୬୨୨ ଲୋକ, କୋଇଡା ବ୍ଲକ୍ ଅନ୍ତର୍ଗତ ୭ଟି ଗ୍ରାମପଞ୍ଚାୟତ ଅଧିନରେ ଥିବା ୩୮ଟି ଗ୍ରାମର ୨୭,୯୨୮ ଲୋକ ଓ ଲହୁଣିପଡ଼ା ବ୍ଲକ୍ ଅନ୍ତର୍ଗତ ୭ଟି ଗ୍ରାମପଞ୍ଚାୟତ ଅଧିନରେ ଥିବା ୧୦୧ଟି ଗ୍ରାମର ୪୦,୩୭୮ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସର୍ବନିମ୍ନ ଟେଣ୍ଡରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପକୁ ମଧ୍ୟ ପୁନେ ସ୍ଥିତ ସେସର୍ସ ଭୋଲଟାସ୍ ଲିମିଟେଡ କମ୍ପାନୀକୁ ପ୍ରଦାନ କରାଯାଇଛି । ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି ।

### ସଞ୍ଜୀବ ପାଣିଗ୍ରାହୀ ...

କଲେଜିୟମ୍ ଓଡ଼ିଶା ହାଇକୋର୍ଟର ବିଚାରପତି ନିଯୁକ୍ତି ନିମନ୍ତେ ରାଷ୍ଟ୍ରପତିଙ୍କ ନିକଟକୁ ସୁପାରିଶ କରିଥିଲେ । ଏହା ପରେ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ନିଯୁକ୍ତି ମିଳିଥିଲା । ସୂଚନା ଥାଉକି ବଲାଙ୍ଗିର ସଦର ବାରପୁଡୁଗିଆ ଗ୍ରାମରେ ନିମାଇ ଚରଣ ପାଣିଗ୍ରାହୀ ଓ ମନ୍ଦାକିନୀ ପାଣିଗ୍ରାହୀଙ୍କୁ ପୁତ୍ର ହେଉଛି ସଞ୍ଜୀବ୍ ପାଣିଗ୍ରାହୀ । ସେ ବାରପୁଡୁଗିଆ ଓ ଖୁଣ୍ଟପାଲିରୁ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ସେ ବଲାଙ୍ଗିର ପୃଥୀରାଜ ହାଇସ୍କୁଲ୍‌ରୁ ହାଇସ୍କୁଲ ଶିକ୍ଷା ସମାପ୍ତ କରିଥିଲେ । ଏହା ପରେ ଶ୍ରୀ ପାଣିଗ୍ରାହୀ ରାଜେନ୍ଦ୍ର କଲେଜରେ ସ୍ନାତକ ଶିକ୍ଷା ଶେଷ କରିଥିଲେ । ବାଙ୍ଗାଲୋର୍ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଓ ଏଲ୍‌ଏଲ୍‌ଏମ୍ ଶିକ୍ଷା ଶେଷ କରିବା ପରେ ଗତ ୨୦୦୬ ମସିହାରେ ସେ ଆଇନ ପେଶାରେ ଯୋଗ ଦେବା ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦରେ ନାମ ପଞ୍ଜୀକରଣ କରିଥିଲେ । ସେ ସୁପ୍ରିମ୍‌କୋର୍ଟ ସମେତ ଓଡ଼ିଶା ହାଇକୋର୍ଟ, ମାଡ୍ରାସ୍ ହାଇକୋର୍ଟ, ଦିଲ୍ଲୀ ହାଇକୋର୍ଟ, କେରଳ, କଲିକତା, ଚଣ୍ଡିଗଡ଼, ଗୁଜୁରାଟ ହାଇକୋର୍ଟରେ ଏକାଧିକ ମାମଲା ସଫଳତାର ସହ ପରିଚାଳନା କରିଛନ୍ତି । ଅନ୍ୟପକ୍ଷରେ ନିକଟରେ ବିଶିଷ୍ଟ ଆଇନଜୀବୀ ସାବିତ୍ରୀ ରଥଙ୍କୁ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ନିଯୁକ୍ତି ଦେବାକୁ ସୁପାରିଶ ହୋଇଛି । ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ସାବିତ୍ରୀ ରଥଙ୍କ ନାମ ଅନୁମୋଦନ ହୋଇଥିଲା ।

### ବୋଡେ ରାଜିନାମା ...

କରୁଛନ୍ତି ସେମାନେ ବୋଡୋ ଯୁବକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଖ୍ୟଧାରାକୁ ଫେରିଆସନ୍ତୁ । ଚାଲିଆସନ୍ତୁ ଏବଂ ଜୀବନକୁ ଉପଭୋଗ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ତାଙ୍କର ଅଭିଭାଷଣରେ ପ୍ରଧାନମନ୍ତ୍ରୀ ବୋଡୋ ନେତା ଉପେନ୍ଦ୍ର ନାଥ ବ୍ରହ୍ମାଜୀ ଓ ରୁପନାଥ ବ୍ରହ୍ମାଜୀଙ୍କ ଯୋଗଦାନକୁ ସ୍ମରଣ କରିଥିଲେ । ବୋଡୋ ରାଜିନାମା-ସବକା ସାଥ ସବକା ବିକାଶ ସବକା ବିଶ୍ୱାସର ପ୍ରତିଫଳନ ବୋଡୋ ରାଜିନାମା ପାଇଁ ସକାରାତ୍ମକ ଭୂମିକା ଗ୍ରହଣ କରିଥିବା ଅଖିଳ ବୋଡୋ ଛାତ୍ର ସଂଗଠନ (ଏବିଏସୟୁ), ଜାତୀୟ ବୋଡୋଲାଣ୍ଡ ଗଣତାନ୍ତ୍ରିକ ଫ୍ରଂଟ (ଏନଡିଏଫବି), ବିଟିସିର ମୁଖ୍ୟ ଶ୍ରୀ ହଗ୍ରମା ମାହିଲାରେ ଏବଂ ଆସାମ ସରକାରଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଶଂସା କରିଥିଲେ । "ଆଜି ହେଉଛି ଆସାମ ସମେତ ସମଗ୍ର ଉତର ପୂର୍ବାଂଚଳ ପାଇଁ ଏକବିଂଶ ଶତାବ୍ଦୀର ଏକ ନୂଆ ଆରମ୍ଭ, ନୂତନ ସୂର୍ଯ୍ୟୋଦୟ, ନୂଆ ପ୍ରେରଣାକୁ ସ୍ୱାଗତ କରିବାର ଦିନ । ଆଜି ଦିନରେ ଆମେ ସମସ୍ତେ ଶପଥ ନେବା ଯେ ବିକାଶ ଏବଂ ବିଶ୍ୱାସ ଆମ ସମ୍ପର୍କର ମୁଖ୍ୟ ଆଧାର ହେବ ଏବଂ ଆଗାମୀ ଦିନରେ ଏହା ଆହୁରି ସୁଦୃଢ଼ ହେବ । ଆମେ କେବେହେଲେ ଆଉ ହିଂସାର ଅନ୍ଧକାର ମଧ୍ୟକୁ ଯିବା ନାହିଁ । ଆସନ୍ତୁ ଆମେ ସମସ୍ତେ ଆସାମ ଓ ଭାରତରେ ଶାନ୍ତି ଓ ସ୍ଥିରତାକୁ ସ୍ୱାଗତ କରିବା", ସେ କହିଥିଲେ । ଚଳିତ ବର୍ଷ ସାରା ଦେଶ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀର ୧୫୦ତମ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ବୋଡୋ ରାଜିନାମା ସ୍ୱାକ୍ଷରକୁ ଭାରତ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ । "ଗାନ୍ଧୀଜୀ ସବୁବେଳେ କହୁଥିଲେ ଅହିଂସାର ଫଳ ଯାହାହେଉ ପଛେ, ତା'କୁ ସମସ୍ତେ ସ୍ୱୀକାର କରିଥାନ୍ତି", ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ବୋଡୋ ରାଜିନାମା ବିଷୟରେ ବିଶେଷ ଭାବେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହାଦ୍ୱାରା ସମଗ୍ର ଅଂଚଳବାସୀ ଉପକୃତ ହେବେ । ସେ କହିଥିଲେ ଯେ ଏହି ରାଜିନାମା ଅନ୍ତର୍ଗତ ବୋଡୋ କ୍ଷେତ୍ରୀୟ ପରିଷଦର କ୍ଷମତା ବୃଦ୍ଧି ଓ ସୁଦୃଢ଼ କରାଯାଇଛି । "ଏହି ରାଜିନାମାରେ ସମସ୍ତେ ବିଜେତା, ଏହାଦ୍ୱାରା ଶାନ୍ତି ଓ ମାନବତାର ବିଜୟ ହୋଇଛି", ପ୍ରଧାନମନ୍ତ୍ରୀ କହିଥିଲେ । ବୋଡୋ କ୍ଷେତ୍ରୀୟ ଜିଲ୍ଲାର ପରିସୀମା (ବିଟିଏଡି) ନିର୍ଦ୍ଧାରଣ କରିବା ଲାଗି ଏକ ଆୟୋଗ ଗଠନ କରାଯିବ । ବିଟିଏଡିର କୋକ୍ରାଝରର, ଚିରଙ୍ଗ, ବକ୍ସା ଓ ଉଦାଲଗୁଡ଼ିର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ୧୫ଶହ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ ।

### ରେଳ ବଜେଟ ...

(୧୩୦ କି.ମି.) ରେଳ ଲାଇନ ପାଇଁ ୩୩ କୋଟି, ଜୟପୁର-ନବରଙ୍ଗପୁର (୩୮ କି.ମି.) ପାଇଁ ୨୦ କୋଟି ଟଙ୍କା, ଖୋର୍ଦ୍ଧାରୋଡ଼-ବିଜୟନଗରମ୍ ବାଇପାସ୍ ନିର୍ମାଣ ପାଇଁ ୨୦ କୋଟି ଟଙ୍କା, ଗୋପାଳପୁର ଠାରୁ ସମ୍ବଲପୁର ଭାୟା ଫୁଲବାଣୀ ପାଇଁ ୧ ଲକ୍ଷ ଟଙ୍କା, ତାଳଚେର-ଅନୁଗୁଳ ନୂଆ ଲାଇନ (୧୪.୫ କି.ମି.) ପାଇଁ ୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ସମ୍ବଲପୁର-ତାଳଚେର ରେଳ ଲାଇନ (୧୭୪.୧୧କି.ମି.) ଦୋହରୀକରଣ ପାଇଁ ୨୯୨ କୋଟି, ସମ୍ବଲପୁର-ଟିଟିଲାଗଡ଼ (୧୮୨.୧୧ କି.ମି.) ଦୋହରୀକରଣ ପାଇଁ ୩୮୨ କୋଟି ଟଙ୍କା, ଟିଟିଲାଗଡ଼-ବିଜୟନଗରମ୍ ତୃତୀୟ ଲାଇନ (୨୬୪.୬ କି.ମି.) ପାଇଁ ୩୮୦ କୋଟି ଟଙ୍କା, ବାଂଶପାଣି-ଦୈତାରୀ ଟମ୍‌କା-ଯଖପୁରା (୧୮୦ କି.ମି.) ପାଇଁ ୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ବୃନ୍ଦାମଲ-ଝାରସଗୁଡ଼ା ଫ୍ଲାଏ ଓଭର ପାଇଁ ୧୦ କୋଟି ଟଙ୍କା, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳପଥ (୮୦ କି.ମି.) ପାଇଁ ୧୦୨ କୋଟି ଟଙ୍କା, ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପାଇଁ ୧୧୮ କୋଟି ଟଙ୍କା, ବୁଢ଼ାପଙ୍କ-ଶାଳଗାଁ ତୃତୀୟ ଓ ଚତୁର୍ଥ ରେଳପଥ ପାଇଁ ୨୦୫ କୋଟି ଟଙ୍କା, କୋରାପୁଟ-ସିଙ୍ଗାପୁର ରୋଡ଼ ପାଇଁ ୨୦୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଜଗଦଲପୁର-କୋରାପୁଟ (୧୧୦ କି.ମି.) ପାଇଁ ୧୩୦ କୋଟି ଟଙ୍କା, କୋଟାଭାଲସା-କୋରାପୁଟ (୧୮୯ କି.ମି.) ପାଇଁ ୧୯୬ କୋଟି ଟଙ୍କା, ରାୟପୁର-ଟିଟିଲାଗଡ଼ (୨୦୩ କି.ମି.) ପାଇଁ ୧୪୬ କୋଟି ଟଙ୍କା, ଖୋର୍ଦ୍ଧା ରୋଡ଼-ବାରଙ୍ଗ ତୃତୀୟ ଲାଇନ ପାଇଁ ୩୫ କୋଟି ଟଙ୍କା, ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କି.ମି.) ପାଇଁ ୨୮୦ କୋଟି ଟଙ୍କା, ବାଘୁଆପାଲ ଫ୍ଲାଏ ଓଭର ପାଇଁ ୧୦ କୋଟିଟଙ୍କା, ମନୋହରପୁର-ଗଣ୍ଡାମୁଣ୍ଡା ତୃତୀୟ ଲାଇନ ପାଇଁ ୩୫ କୋଟି ଟଙ୍କା, ରାଉରକେଲା-ଝାରସୁଗୁଡ଼ା ତୃତୀୟ ଲାଇନ ପାଇଁ ୧୭୦ କୋଟି ଟଙ୍କା, ଗଣ୍ଡମୁଣ୍ଡା-ରାଂଚି ରେଳ ଲାଇନର ଦୋହରୀକରଣ ପାଇଁ ୨୦ କୋଟି ଟଙ୍କା, ନାରାୟଣଗଡ଼-ଭଦ୍ରକ ତୃତୀୟ ଲାଇନ ପାଇଁ ୫୦ କୋଟି ଟଙ୍କା, ଗଣ୍ଡାମୁଣ୍ଡା-ରାଉରକେଲା ଚତୁର୍ଥ ଲାଇନ ପାଇଁ ୨୩ କୋଟି ଟଙ୍କା, ଚମ୍ପା-ଝାରସୁଗୁଡ଼ା ତୃତୀୟ ଲାଇନ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଅନ୍ୟପକ୍ଷରେ ଅନୁଗୁଳସ୍ଥିତ ଇଲେକ୍‌ଟ୍ରିକ୍ ଲୋକସେଡ଼୍‌ର କ୍ଷମତା ୧୦୦ ରୁ ୧୫୦ କୁ ବୃଦ୍ଧି କରିବା ପାଇଁ ୪ କୋଟି ଟଙ୍କା, ମାନେଶ୍ୱରରେ ଟ୍ରେନ ରକ୍ଷଣାବେକ୍ଷଣ ପାଇଁ ୨୦ କୋଟି ଟଙ୍କା, କଳାହାଣ୍ଡିରେ ପ୍ରସ୍ତାବିତ ଇଲେକଟ୍ରିକ୍ ଇଂଜିନ୍ ୱାର୍କସପ୍ ପାଇଁ ୧ କୋଟି ଟଙ୍କା, ରେଳୱେର ବିଦ୍ୟୁତକରଣ ପାଇଁ ୧୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

### ମହାଭିଯୋଗରୁ ...

ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଭୋଟ ଦେଇଥିଲେ । କିନ୍ତୁ କୌଣସି ଡେମୋକ୍ରାଟ୍ ସଭ୍ୟ ଟ୍ରମ୍ପଙ୍କୁ ଭୋଟ ଦେଇନାହାନ୍ତି । ସେହିଭଳି କଂଗ୍ରେସକୁ ଅବମାନନା ସମ୍ପର୍କିତ ମହାଭିଯୋଗ ପ୍ରସ୍ତାବ ଉପରେ ଟ୍ରମ୍ପଙ୍କୁ ୫୩-୪୭ ଭୋଟ ମିଳିଥିଲା । ଏହି ପ୍ରସ୍ତାବ ଉପରେ ରିପବ୍ଲିକାନ ସିନେଟର୍ ରୁମ୍‌ନୀ ଟ୍ରମ୍ପଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଧାନ ବିଚାରପତି ଜନ୍ ରବର୍ଟସଙ୍କ ଅଧ୍ୟକ୍ଷତାରେ ଭୋଟିଂ ହୋଇଥିଲା । ଆମେରିକା ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତି ସର୍ବାଧିକ ଦୁଇଥର ରାଷ୍ଟ୍ରପତି ହୋଇପାରିବେ । ଅତଏବ ସିନେଟ୍ ବିଜୟ ସମ୍ପର୍କରେ ଟ୍ୱିଟ୍ କରି ରାଷ୍ଟ୍ରପତି ଟ୍ରମ୍ପ ଆଗାମୀ ରାଷ୍ଟ୍ରପତି ନିର୍ବାଚନର ବିଜୟ ବୋଲି ଅଭିହିତ କରିଛନ୍ତି ।

### ସ୍କୁଲ ବ୍ୟାଗ ...

ଛାତ୍ରଛାତ୍ରୀଙ୍କ ବ୍ୟାଗ ପରିବହନ ଉପରେ କଟକଣାର ନିର୍ଦ୍ଦେଶ ଦିଆଯାଇଥିବାର ଇତି ମଧ୍ୟରେ ମାସାଧିକ କାଳ ବିତିଯିବା ସହ ପୁରାତନ ଶିକ୍ଷାବର୍ଷ ଯାଇ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ସୁଦ୍ଧା ଏହାକୁ କଡାକଡି ଭାବେ ପାଳନ କରା ନଯିବା ସରକାରଙ୍କ ଅପାରଗତକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସରକାର ତାଙ୍କ ନିର୍ଦ୍ଦେଶ ନାମାରେ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଓଜନ ଠାରୁ ଅଧିକ ଓଜନର ବ୍ୟାଗ ଯେମିତି ପରିବହନ ନକରନ୍ତି ସେଥିପ୍ରତି ଗୁରୁତ୍ୱ ଆରୋପ କରିଥିଲେ ସୁଦ୍ଧା ଏହା ଆଜି ପର୍ଯ୍ୟନ୍ତ ପାଳିତ ହୋଇପାରିନାହିଁ । ଗତ ୨୦୧୯ ମାର୍ଚ୍ଚ ୮ ତାରିଖ ଗାଇଡ଼ଲାଇନ ଅନୁସାରେ ପିଲାଙ୍କ ସ୍କୁଲବ୍ୟାଗ ପରିବହନ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ସ୍କୁଲକୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ସଂପର୍କରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ହାଇକୋର୍ଟରେ ମଧ୍ୟ ସତ୍ୟପାଠ ଦାଖଲ କରିଥିଲେ । ପୁଣି ଗତ ଅଗଷ୍ଟ ମାସରେ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କୁ ଏହି ସ୍କୁଲ ବ୍ୟାଗ ପରିବହନ ନିୟମକୁ ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ୨୦୧୮ ଅକ୍ଟୋବର ୨୦ ତାରିଖରେ ଜାରି ହୋଇଥିବା ଗାଇଡ୍ ଲାଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବ୍ୟାଗର ଓଜନ ୧.୫ କେ.ଜି ରଖାଯାଇଥିବା ବେଳେ ତୃତୀୟରୁ ୫ମ ଶ୍ରେଣୀର ପିଲାଙ୍କ ପାଇଁ ୨ ରୁ ୩ କେ.ଜି. ୬ଷ୍ଠ ଓ ୭ମ ଶ୍ରେଣୀର ପିଲାଙ୍କ ପାଇଁ ୪ କେ.ଜି, ୮ମ ଓ ୯ମ ଶ୍ରେଣୀର ପିଲାଙ୍କ ପାଇଁ ୪.୫ କେ.ଜି ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୫ କେ.ଜି ଓଜନର ବ୍ୟାଗ ବ୍ୟବହୃତ କରିପାରିବେ । ଏହା ଠାରୁ ଅଧିକ ଓଜନର ବ୍ୟାଗ ନେବା ପାଇଁ କଟକଣା ଜାରି କରାଯାଇଛି । ତତ୍ ସହିତ କୌଣସି ବି ସ୍କୁଲ ଶିକ୍ଷକ ଓ ଶିକ୍ଷୟତ୍ରୀ ୧ମ ଓ ୨ୟ ଶ୍ରେଣୀର ପିଲାଙ୍କୁ ହୋମୱାର୍କ କରିବାକୁ ନଦେବାକୁ ଏହି ଗାଇଡ଼ଲାଇନରେ ସ୍ପଷ୍ଟ ସୂଚନା ଦିଆଯାଇଛି । ଏନସିଇଆରଟି ନିୟମ ଅନୁଯାୟୀ ୧ମ ଓ ୨ୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଭାଷା ଓ ଗଣିତ ବ୍ୟତିତ ଆଉ କୌଣସି ବିଷୟରେ ଶିକ୍ଷା ଦେବେ ନାହିଁ । ୩ୟ ରୁ ୫ମ ଶ୍ରେଣୀର ପିଲାମାନଙ୍କ ପାଇଁ ଭାଷା, ଇଭିଏସ ଓ ଗଣିତ ଶିକ୍ଷା ଦେବା ସହ ଅତିରିକ୍ତ ବହି ଓ ସାମଗ୍ରୀ ଆଣି ବିଦ୍ୟାଳୟକୁ ଆସିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ କହିପାରିବେ ନାହିଁ । ଯଦି କୌଣସି ବିଦ୍ୟାଳୟ ଉପରୋକ୍ତ ନିୟମ ଉଲଂଘନ କରୁଥିବେ ତେବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସୂଚନା ଦିଆଯାଇଛି କିନ୍ତୁ ଏହାକୁ ଆଜି ପର୍ଯ୍ୟନ୍ତ କେହିପାଳନ କରିନାହାନ୍ତି । ଏଠାରେ ପ୍ରକାଶ ଥାଉକି ଛୋଟଛୋଟ ପିଲାମାନଙ୍କ ପାଠପଢା କଥା ଯାହା ହେଉନା କାହିଁକି,ପ୍ରତିଦିନ ପାଠ୍ୟପୁସ୍ତକ ଭର୍ତ୍ତି ବ୍ୟାଗ କୁ ନେଇ ସ୍କୁଲ କୁ ଯିବା ଆସିବା କରିବା ବଡ଼ ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଭାବକମାନେ ନିଜର ଅସନ୍ତୋଷଭାବ ପ୍ରକାଶ କରିଆସୁଛନ୍ତି । ପୂର୍ବରୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଙ୍କ ପକ୍ଷରୁ ଜଣେ ପିଲା ର ଓଜନ ଠାରୁ ସ୍କୁଲ ବ୍ୟାଗ ଓଜନ ୧୦ ପ୍ରତିଶତ ଅଧିକ ହେବ ନାହିଁ ବୋଲି ଗାଇଡ଼ଲାଇନ୍ ପ୍ରକାଶ ପାଇଥିଲେ ସୁଦ୍ଧା ଏହି ଗାଇଡ଼ଲାଇନ ଆଜି ପର୍ଯ୍ୟନ୍ତ ବନ୍ତ ବ୍ଲକ ଓ ତା ଆଖପାଖ ଅଂଚଳରେ ଥିବା ସ୍କୁଲ ଗୁଡ଼ିକରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ । ଛୋଟଛୋଟ ପିଲାମାନେ ପାଠ୍ୟପୁସ୍ତକ ଭର୍ତ୍ତି ଓଜନଦାର ବ୍ୟାଗ୍ ଧରି ସ୍କୁଲକୁ ନିୟମିତ ଯାଉଥିବାର ଦେଖିବାକୁ ମିଳୁଛି । ଏଠାରେ ବେସରକାରୀ ତଥା ସରକାରୀ ସ୍କୁଲ ବ୍ୟତୀତ ସ୍ଥାନୀୟ ଅଞ୍ଚଳରୁ ବହୁ ପିଲା ବରପଦା,ଭଦ୍ରକ ଆଦି ସ୍ଥାନରେ ଥିବା ସ୍କୁଲକୁ ପଢିବା ପାଇଁ ଯାଉଛନ୍ତି । ଏଥିରେ ପଢାଖର୍ଚ୍ଚ ଅଧିକ ହେବା ଅଭିଭାବକ ମାନଙ୍କୁ ଯେତିକି ବାଧୁ ନାହିଁ,ପିଲାଙ୍କ ଓଜନଦାର ବହି ଭର୍ତ୍ତି ବ୍ୟାଗ ନେଇଯିବା ଅଧିକ କଷ୍ଟ ଦେଉଛି ବୋଲି ବହୁ ଅଭିଭାବକ ମତବ୍ୟକ୍ତ କରୁଛନ୍ତି । ସେତେବେଳେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଙ୍କ ପକ୍ଷରୁ ଜାରି ହୋଇଥିବା ଗାଇଡ଼ଲାଇନ ହସ୍ତଗତ ହୋଇନଥିବା ଆଳରେ ବହୁ ସ୍କୁଲ ଏହାକୁ ଏଡ଼ାଇ ଚାଲିଥିଲେ ଓ ଆଜି ପର୍ଯ୍ୟନ୍ତ ଚାଲି ଆସୁଛନ୍ତି ମଧ୍ୟ । ତତ୍ ସହିତ ସରକାରଙ୍କ ଦ୍ୱାରା ପ୍ରକାଶ ଗାଇଡ଼ଲାଇନ ଆଜି ସୁଦ୍ଧା କାର୍ଯ୍ୟକାରୀ ହୋଇପାରୁନଥିବାରୁ ଏଥି ପାଇଁ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି । ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ ଦାବି ହେଉଛି ।

# ମାଟ୍ରିକ୍ ପ୍ରଶ୍ନପତ୍ର ଭାଇରାଲ୍ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ : ମନ୍ତ୍ରୀ

**ଭୁବନେଶ୍ୱର :** ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ଯେପରି ନହେବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି । ଯଦି କୌଣସି କ୍ଷେତ୍ରରେ ଏଭଳି ହୁଏ ତେବେ ସମ୍ପୃକ୍ତ କେନ୍ଦ୍ରର ମୁଖ୍ୟଙ୍କୁ ଦାୟୀ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହା ନହେବା ପାଇଁ କୋଉଁ ବ୍ୟବସ୍ଥା କରାଯାଉଛି । ତେଣୁ ଏଥର ପ୍ରଶ୍ନପତ୍ର ଭାଇରାଲ ଭାଇରାଲ ହୋଇପାରିବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆଗାମୀ ୧୯ ତାରିଖରେ ଆରମ୍ଭ ହୋଇ ଏହି ପରୀକ୍ଷା ମାର୍ଚ୍ଚ ୨ ତାରିଖରେ ଶେଷ ହେବ । ୨,୮୮୮ଟି କେନ୍ଦ୍ରରେ ମୋଟ ୫ ଲକ୍ଷ ୬୦ ହଜାର ୮୯୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ । ମାଟ୍ରିକ୍ ବୋର୍ଡ ପରୀକ୍ଷା ପାଇଁ ମୋଟ୍ ୩୦୭ଟି ନୋଡାଲ ସେଂଟର କରାଯାଇଛି । ବୋର୍ଡ ପକ୍ଷରୁ ସମ୍ବେଦନଶୀଳ ୧ ହଜାର ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବା କାମ ଜାରି ରହିଛି । ସେହିଭଳି ନୋଡାଲ ସେଂଟରଗୁଡ଼ିକରେ ୨୪ ଘଂଟିଆ ସୁରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ପରୀକ୍ଷା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯିବ ।

# ସ୍ମାର୍ଟସିଟି ପାଇଁ ଅନଲାଇନ୍‌ରେ ହେବ ମତାମତ ସଂଗ୍ରହ

**ଭୁବନେଶ୍ୱର :** ଫେବୃଆରୀ ୧ ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ମାର୍ଟ ସିଟିର ଅନଲାଇନ୍ ରେଟିଂ କରାଯିବ । ମୋ ସହର , ମୋ ଘର ପୋର୍ଟାଲ ଜରିଆରେ ଲୋକଙ୍କ ମତାମତ ନିଆଯିବ । ଏଥିପାଇଁ ୨୧ ଟି ପାରାମିଟର ରଖାଯାଇଛି ବୋଲି ବିଏମସି କମିଶନର ସୂଚନା ଦେଇଛନ୍ତି । ସହରରେ ବିଦ୍ୟୁତ୍ ଯୋଗାଣ , ସ୍ୱାସ୍ଥ୍ୟ ସେବା , ସୁବିଧାରେ ଘର ମିଳିବା , ସ୍ୱଚ୍ଛତା , ପରିମଳ , ବର୍ଷା ଦିନେ ପାଣି ଜମିବା , ପାନୀୟ ଜଳ, ଆମ୍ବୁଲାନ୍ସ ସେବା , ଅଗ୍ନିଶମ ସେବା , ସାଧାରଣ ସ୍ଥାନରେ ନାରୀ ମାନଙ୍କ ସୁରକ୍ଷା , ପାର୍କ , ସିନେମା ଘର ,ବ୍ୟାଙ୍କିଙ୍ଗ୍ ସେବା , ସୁବିଧା ଦରରେ ବିଜୁଳି ମିଳୁଛି କି ନାହିଁ ,ଏହି ସବୁ କ୍ଷେତ୍ରରେ ସେମାନଙ୍କ ସହର କେତେ ସକ୍ଷମ ହୋଇପାରିଛି ଲୋକମାନେ ସେ ନେଇ ମତାମତ ଦେବେ ବୋଲି ବିଏମସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ ପ୍ରକାଶ କରିଛନ୍ତି । ଭୁବନେଶ୍ୱରର ୩୭ଟି ସ୍ଥାନରେ କମ୍ ବର୍ଷା ହେଲେ ପାଣି ଜମୁଥିବା ଚିହ୍ନଟ କରାଯାଇଛି । ବର୍ଷା ଋତୁ ପୂର୍ବରୁ ଏହାକୁ ଦୂର କରିବାପାଇଁ ତାହା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ ।

# ସ୍କୁଲ ଗୁଡ଼ିକୁ କରୋନା ଗାଇଡଲାଇନ

**ଭୁବନେଶ୍ୱର :** ଚୀନରେ ବ୍ୟାପୁଥିବା କରୋନା ଭାଇରସକୁ ନେଇ ସଜାଗ ହୋଇପଡ଼ିଛନ୍ତି ଓଡ଼ିଶା ସରକାର । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ । ଆଲୋଚନା ପରେ ସ୍ୱାସ୍ଥ୍ୟ ସଚିବ କହିଛନ୍ତି ଯେ, କରୋନା ନେଇ ସତର୍କ ରହିବାକୁ ନିର୍ଦ୍ଦେଶ ରହିଛି । ୧୪ ଦିନ ପର୍ଯ୍ୟନ୍ତ ରାଜ୍ୟର ସବୁ ସ୍କୁଲ ଉପରେ ନଜର ରହିବ । ପ୍ରଧାନଶିକ୍ଷକ ଓ ଅଧିକାରୀମାନେ ପିଲାଙ୍କ ଉପରେ ନଜର ରଖିବେ । ପିଲାଙ୍କ ଠାରେ କୌଣସି ସଙ୍କେତ ଦେଖିଲେ ତୁରନ୍ତ ସ୍କୁଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଉଦ୍ୟମ କରିବେ । ସେହିପରି ରାଜ୍ୟରେ କରୋନା ମୁକାବିଲା ପାଇଁ ସ୍କୁଲଗୁଡ଼ିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି କରାଯାଇଛି । ରାଜ୍ୟରେ ଏହାର ମୁକାବିଲା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଭିଡିଓ କନଫେରେନ୍ସ ଜରିଆରେ ଆଲୋଚନା ମଧ୍ୟ କରିଛନ୍ତି । କରୋନା ପାଇଁ ପ୍ରସ୍ତୁତି ଓ ମୁକାବିଲା ସମ୍ପର୍କରେ ବିଚାରବିମର୍ଷ ହୋଇଥିଲା ।

# 'ଏକଲ ଅଭିଯାନ' ପକ୍ଷରୁ ସମ୍ମିଳନୀ

**ଜୁନାଗଡ :** ଏକଲ ଅଭିଯାନ, ଓଡ଼ିଶା (ପଶ୍ଚିମ ଭାଗ ଅଞ୍ଚଳ) ଭବାନୀପାଟଣା କେନ୍ଦ୍ର ଗୋଲାମୁଣ୍ଡା ପକ୍ଷରୁ ସ୍ଥାନୀୟ ମାନଲୀ ଉପ୍ରା ବିଦ୍ୟାଳୟରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଇଂ. ଧୀରେନ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ବିରଞ୍ଚି କୁମାର ପଣ୍ଡା, ନାରାୟଣ ମହାପାତ୍ର, ପ୍ରକାଶ କୁମାର ଅଗ୍ରୱାଲ, ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଜୀବର୍ଦ୍ଧନ ସାହୁ ଏକଲ ଅଭିଯାନ ଆମ ପାଇଁ ସମ୍ମାନର ପ୍ରଶ୍ନ ବୋଲି କହିଥିଲେ । ଏକଲ ଅଭିଯାନ ପ୍ରମୁଖ ବିଭୀଷଣ ରଣା ଅତିଥି ଓ ଅଧିକାରୀଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୪ଟି ଏକଲ ବିଦ୍ୟାଳୟ ଗ୍ରାମରୁ ପ୍ରାୟ ୨୦୦ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । କାର୍ଯ୍ୟକ୍ରମର ବ୍ୟବସ୍ଥା ହୃଦାନନ୍ଦ ସା, ରଙ୍ଗାଧର ମୁଣ୍ଡ, ରତ୍ନାକର ବିଶି, ଧନୁର୍ଯ୍ୟୟ ବନ୍ଦିରୋଡ, ମାନ୍‌ଲୀ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ମହାପାତ୍ର, ରାଜେଶ ଅଗ୍ରୱାଲ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା କରାଯାଇଥିଲା । ଶେଷରେ ଏହି ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଆଚାର୍ଯ୍ୟ/ଆଚାର୍ଯ୍ୟା ଓ ୩ଟି ଗ୍ରାମ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ବୃନ୍ଦାବନ ସା ଧନ୍ୟବାଦ ଅର୍ପଣ କରିଥିଲେ ।

# ଡଅଁରକୂଳରେ ନାଟକ ଉତ୍ସବ

**ସାହାସପୁର :** ଏହି ବ୍ଲକ ଅନ୍ତର୍ଗତ ସାହାସପୁର ପଞ୍ଚାୟତ ଡଅଁରକୂଳ ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସରସ୍ୱତୀ ପୂଜା ଅବସରରେ ଦୁଇଦିନ ଧରି ମା ବୀଣାପାଣି ନାଟ୍ୟ ସଂସଦ ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା । ଗ୍ରାମାଞ୍ଚଳର ଲୋକମାନଙ୍କୁ ନାଟକ ମାଧ୍ୟମରେ ସାମାଜିକ ବାର୍ତ୍ତା ଓ ସଚେତନତା କରାଇବା ଲକ୍ଷ୍ୟରେ ବହୁ ବର୍ଷ ଧରି ଏଠାରେ ଏଭଳି ନାଟ୍ୟୋତ୍ସବ ଅନୁଷ୍ଠିତ କରାଯାଇଛି । ଦୀର୍ଘ ୭୦ଦଶକରୁ କଳା, ସାହିତ୍ୟ, ସଂସ୍କୃତିକୁ ଏହି ଗ୍ରାମରେ ବିଶେଷ ସ୍ଥାନ ଦିଆଯିବା ସହ ପ୍ରତିବର୍ଷ ଏଠାରେ ଯାତ୍ରା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ପରମ୍ପରା ଆରମ୍ଭ ହୋଇଛି । ଚଳିତବର୍ଷ ପ୍ରଥମ ରଜନୀରେ "ତୋ ନାଁ କୁ ମୋ ନାଁ ରେ ଦେଇଛି ଯୋଡି" ଓ ଦ୍ୱିତୀୟ ରଜନୀରେ "ମିଛୁଆ ରାଧୁଆ ଗପ ସରିଲା" ସାମାଜିକ ନାଟକରେ ସ୍ଥାନୀୟ ଅଞ୍ଚଳରୁ ବହୁ ଯାତ୍ରା ପ୍ରେମୀ ଯୋଗ ଦେବା ସହ ଗ୍ରାମବାସୀଙ୍କ ଦ୍ୱାରା ଅୟୋଜିତ ଏହି ଯାତ୍ରାରୁ ବେଶ୍ ମଜା ନେଇଥିଲେ । ସୂଚନା ମୁତାବକ ବରିଷ୍ଠ କଳାକାର ଭରତ ତାଉତ, ଅଶ୍ୱିନୀ ରାଉତ, ସତ୍ୟବ୍ରତ ରାଉତ, ଚିନ୍ମୟୀ ମିଶ୍ର, ସୁଶାନ୍ତ ସେନାପତି, ପାର୍ଥ



ଶର୍ମାଙ୍କ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକ ମାନେ ରାତ୍ର ୧୦ଠାରୁ ସକାଳ ପର୍ଯ୍ୟନ୍ତ ବିମୋହିତ ହେବା ସହ କଳାକାର ଙ୍କୁ ସହଯୋଗ କରିଥିଲେ । ଏହି ନାଟକକୁ ଯାଜପୁରର ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ସୁର ବାବୁ ନିର୍ଦ୍ଦେଶନା ଦେଇଥିବା ସ୍ଥଳେ ଅନୁଷ୍ଠାନର ବରିଷ୍ଠ କଳାକାର କିଶୋର ରାଉତ, ସତ୍ୟବ୍ରତ ରାଉତ, ଭରତ ତାଉତଙ୍କ ସହ ସୁବାସ ରାଉତ ନାଟ୍ୟ ପରିଚାଳନା କରିଥିବା ଜଣାପଡିଛି । ଏହି ଅନୁଷ୍ଠାନ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କଳାକାର ମାନଙ୍କୁ ରାଜ୍ୟ ସରକାର ସାମାଜିକ ନିରାପତ୍ତା ଯୋଜନାରେ ସାମିଲ କରାଇବା ନିମନ୍ତେ ଯୁବ ସାମ୍ବାଦିକ ସୁନିଲ କୁମାର ରାଉତ ନିବେଦନ କରିଛନ୍ତି ।

## କବଲା ହଜିଛି

ଆମ୍ଭେ ଶ୍ରୀ ବଳରାମ ସାହୁ ପି. ଵ ଚୈତନ୍ୟ ଚରଣ ସାହୁ ସା : ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେଉଅଛୁ କି, ମୋର କିଛି ଜମି କାଗଜପତ୍ର ଯଥା-ସହି କବଲା ଯାହାର ନଂ-୧୧୧୩୧୮୦୧୧୪୮, ୧୧୧୩୧୮୦୧୧୪୫ ଏବଂ ଓରିଜିନାଲ ଖତିଆନ ଯାହାର ଖାତା ନଂ- ୨୦୭୪/୩୪୮ ଫନି ବାତ୍ୟା ସମୟରେ କୌଣସି ସ୍ଥାନରେ ହଜିଯାଇଛି । ବହୁ ସମୟ ଧରି ଖୋଜାଖୋଜି କରି ମୁଁ ଏହି ଓରିଜିନାଲ କାଗଜପତ୍ର ଗୁଡିକୁ ହସ୍ତଗତ କରିପାରିନାହିଁ । ତେଣୁ ଯଦି କୌଣସି ସହୋଦୟ ବ୍ୟକ୍ତି ମୋର ଏହି କାଗଜପତ୍ର ଗୁଡିକୁ ପାଇଥିବେ ଦୟାକରି ମୋତେ ମୋର ଉପରିସ୍ଥ ଠିକଣାରେ ପ୍ରଦାନ କରିବାକୁ ଅନୁରୋଧ ।

ମୋ ଯୋଗାଯୋଗ ନଂ- ୮୦୯୩୨୨୭୭୪୫, ମୋ ଓକିଲଙ୍କ ନଂ- ୮୮୯୫୬୪୦୯୨୫



# ଚାଲେଞ୍ଜ ଓ ସୁଯୋଗର ଯଥାର୍ଥ ଉପଯୋଗ କର : ରାଜ୍ୟପାଳ



**କଟକ :** ଶିକ୍ଷା ଜଣେ ମଣିଷକୁ ପ୍ରକୃତ ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଶିକ୍ଷା ହିଁ ତା'ର ଆତ୍ମବିଶ୍ୱାସକୁ ବଢ଼ାଇଥାଏ। ରେଭେନ୍ସା ଛାତ୍ରଙ୍କଠାରେ ଜ୍ଞାନ ଓ ଶିକ୍ଷା ଭରପୂର ହୋଇରହିଛି। ସୁମାର୍ଗ ବାଛି ଏହାର ଉପଯୋଗ କଲେ ବିଦ୍ୟାର୍ଥୀମାନେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ମହାମହିମ ରାଜ୍ୟପାଳ ପ୍ରଫେସର ଡକ୍ଟର ଗଣେଶୀଲାଲ କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବକୁ ରାଜ୍ୟପାଳ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସେ କହିଲେ ଯେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି କେବଳ ଡିଗ୍ରୀ ହାସଲରେ ସିମୀତ ରହିବା ଉଚିତ୍ ନୁହେଁ, ବରଂ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ସମାଜର ପରିବର୍ତ୍ତନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବା ଆବଶ୍ୟକ। ଏପରିକି ଚାଲେଞ୍ଜ ଓ ସୁଯୋଗର ଯଥାର୍ଥ ଉପଯୋଗ କରିବାକୁ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ଔଦ୍ୟୋଗିକ ଚିନ୍ତାଧାରା ମଧ୍ୟ ଜାଗ୍ରତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପଦକ୍ଷେପ ନେବା ଉଚିତ୍ ବୋଲି କହିଥିଲେ। ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ଉଚ୍ଚତର ଗବେଷଣା କୈନ୍ଦ୍ରିକ ହୋଇ ଜ୍ଞାନ ଆହରଣ କରିବା ଲାଗି ସର୍ବଦା ଚେଷ୍ଟିତ ରହିବାକୁ ରାଜ୍ୟପାଳ ତାଙ୍କ ଉଦ୍‌ବୋଧନରେ ପ୍ରକାଶ କରିଥିଲେ। ଜାତୀୟ ବିଜ୍ଞାନ ଏକାଡେମୀର ଅଧ୍ୟକ୍ଷ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଚନ୍ଦ୍ରିମା ଶାହା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦର୍ଶ ଓ ସ୍ୱନାମଧନ୍ୟ ରେଭେନ୍ସାର ଗୌରବମୟ ଇତିହାସର ରୋମନ୍ଥନ କରିଥିଲେ। ସେ କହିଲେ ଯେ କେବଳ ଡିଗ୍ରୀ ହାସଲ କଲେ ହେବ ନାହିଁ, ଛାତ୍ରଛାତ୍ରୀମାନେ ନିଜକୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତ ହାସଲ କରିବା ଆବଶ୍ୟକ। ଏହି ଅବସରରେ ଚଳିତବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ହିନ୍ଦୀ ସିନେମା ଜଗତର ବିଶିଷ୍ଟ ଗୀତିକାର ପଦ୍ମଭୂଷଣ ତଥା ଦାଦା ସାହେବ ଫାଲକେ ପୁରସ୍କାର ବିଜେତା ଗୁଲଜାର (ସମ୍ପୂରନ ସିଂ କଲରା), ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ପଦ୍ମଭୂଷଣ ମଞ୍ଜୁ ଶର୍ମା, ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁଜାତା ଦାସଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ମାତ୍ର ଗୁଲଜାର ଓ ମଞ୍ଜୁ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ସମୁଦାୟ ୧ହଜାର ୩୦୧ଜଣ ୟୁଜି, ୧ହଜାର ୪୭ଜଣ ପିଜି, ୬୧ ଜଣ ଏମ୍‌ଫିଲ ଓ ୮୧ଜଣ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବାବେଳେ ୬୧ଜଣ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ରେଭେନ୍ସା କୁଳପତି ପ୍ରଫେସର ଇସାନ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳ ସଚିବ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଗମ ଘୋଷଣାକୁ ୬ ବର୍ଷ ପୂରିଲା

# ଅନିଶ୍ଚିତତାରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ



**ସମ୍ବଲପୁର, (ଦାମୋଦର ପଣ୍ଡା):** ସମ୍ବଲପୁର ମହାନଗର ନିଗମ ଘୋଷଣା ହେବାର ୬ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପରୋକ୍ଷରେ ରାଜ୍ୟ ସରକାର ନିଗମର ପରିଚାଳନା କରୁଛନ୍ତି ଓ ଏହା ଶାସକ ଦଳକୁ ସୁହାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୦୧୩ ମସିହାରେ ପୌର ପରିଷଦର କାର୍ଯ୍ୟକାଳ ସମାପ୍ତ ହୋଇଥିଲା। ରାଜ୍ୟ ସରକାରଙ୍କ ଗୃହ ଓ ସହର ଉନ୍ନୟନ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୩୨୯୪୩/୧୫.୧୧.୨୦୧୩ରେ ମହାନଗର ନିଗମ ଘୋଷଣା କରାଯାଇଥିଲା। ଏହି ନିଗମରେ ପରିଷଦର ୨୯ଟି ୱାର୍ଡ ସହିତ ୫୬ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଫଳରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ମହାନଗରୀୟ ସେବା ପାଇବ ବୋଲି ଲୋକେ ଆଶା କରିଥିଲେ।

ମହାନଗର ନିଗମ ନିର୍ବାଚନ ପାଇଁ ପ୍ରଥମ ବିଜ୍ଞପ୍ତି ନଂ ୧୩୫୩ ଜାନୁଆରୀ ୧୫ ତାରିଖରେ ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା। ଏହା ବିରୋଧରେ ବହୁତ ବାଦବିବାଦ ଦେଖା ଦେବାରୁ ୨୩ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ପୂର୍ବ ସ୍ଥିତି ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁର୍ଲାରେ ସଂରକ୍ଷଣକୁ ନେଇ ମାମଲା ହାଇକୋର୍ଟକୁ ଗଲା ପରେ ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରହିଛି।

ମହାନଗର ନିଗମ ସୂତ୍ରରୁ ଜଣାଯାଇଛି ଯେ, ଭାରତ ସରକାରଙ୍କ ସଂରକ୍ଷଣ ବ୍ୟବସ୍ଥା ପାଇଁ ରହିଥିବା ନିୟମକୁ ଅଧାର କରି ଏହି ସ୍ଥାନ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ନିୟମ ଅନୁଯାୟୀ ମୋଟ ୪୧ଟି ୱାର୍ଡ ମଧ୍ୟରୁ ଏସ୍‌ସି ପାଇଁ ୯, ଏସ୍‌ଟି ପାଇଁ ୬ ଏବଂ ଓବିସି ପାଇଁ ୧୨ଟି ଆସନ ସଂରକ୍ଷିତ ରଖାଯିବା ସହ ମହିଳାମାନଙ୍କ ପାଇଁ ୨୦ଟି ଆସନ ସଂରକ୍ଷିତ ରହିଛି। ଏହି ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି କିଛି ଲୋକ ହାଇକୋର୍ଟର ଦ୍ୱାରସ୍ଥ ହେବା ଯୋଗୁଁ ନିର୍ବାଚନ ସ୍ଥଗିତ ରହିଛି। ଫଳତଃ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରଭାବିତ ହେବା ସହ ଉପଯୁକ୍ତ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଲୋକେ ଆଗରୁ ଠିକ୍ ଥିଲା ବୋଲି ମତ ପ୍ରକାଶ ପାଉଛି। ସେମାନଙ୍କ ଅବସ୍ଥା ଆହୁରି ଦୟନୀୟ। ଶାସକ ଦଳ ସୁବିଧାରେ ଥିବାରୁ ଆଇନଗତ ଅସୁବିଧା ଦୂରୀକରଣ ପାଇଁ ଆଗ୍ରହ ଦେଖାଉ ନଥିବାର ଅଭିଯୋଗ ହେଉଛି।

# '୨୦୨୩ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ତାଳଚେର ସାର କାରଖାନା'



**ନୂଆଦିଲ୍ଲୀ :** ଆସନ୍ତା ୨୦୨୩ ସେପ୍ଟେମ୍ବର ମାସ ସୁଦ୍ଧା ତାଳଚେର ସାର କାରଖାନା (ତାଳଚେର ଫର୍ଟିଲାଇଜର୍ସ ଲିଃ-ଟିଏଫଏଲ) କାର୍ଯ୍ୟକ୍ଷମ ହେବ। ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା। ଏ ସଂକ୍ରାନ୍ତରେ ପଚରାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତରରେ ସେ ସୂଚନା ଦେଇଥିଲେ ଯେ ବନ୍ଦ ହୋଇ ପଡ଼ି ରହିଥିବା ଭାରତୀୟ ସାର ନିଗମ ଲିଃ (ଏଫସିଆଇଏଲ)ର ତାଳଚେର ୟୁନିଟ୍‌କୁ କାର୍ଯ୍ୟକ୍ଷମ କରିବା ଲାଗି ଭାରତ ସରକାର ଏକାଧିକ ପ୍ରସ୍ତାବକୁ କ୍ୟାବିନେଟ ଜରିଆରେ ମଞ୍ଜୁରି ଦେଇଛନ୍ତି। ଏହି ୟୁରିଆ ୟୁନିଟ୍‌କୁ ପୁନଃକାର୍ଯ୍ୟକ୍ଷମ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ମନ୍ତ୍ରୀ ଆହୁରି ସୂଚନା ଦେଇଥିଲେ ଯେ ମେସର୍ସ ପିଡିଆଇଏଲକୁ ସାର କାରଖାନା କାର୍ଯ୍ୟକ୍ଷମ କରିବା ଲାଗି ପ୍ରାକ-ପ୍ରକଳ୍ପ କାର୍ଯ୍ୟକଳାପ ପାଇଁ ପ୍ରକଳ୍ପ ପରିଚାଳନା ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଅଗଷ୍ଟ ୨୦୧୭ରେ ପେଟ କୋକ ଯୋଗାଣ ଲାଗି ଆଇଓସିଏଲ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫେବୃଆରୀ ୨୦୧୮ରେ ପ୍ରକଳ୍ପକୁ ପରିବେଶ ମଞ୍ଜୁରି ମିଳିଛି। ସେପ୍ଟେମ୍ବର ୨୦୧୮ରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆରସିଏଫ ଇକ୍ୱିଟି ଯୋଗଦାନ ପାଇଁ ମଞ୍ଜୁରି ଦେଇଥିଲା। ଡିସେମ୍ବର ୨୦୧୮ରେ କ୍ୟାପ୍ଟିଭ କୋଇଲା ଖଣି ପାଇଁ ଖଣି ଆବଂଟନ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପ୍ରମୋଟରଙ୍କ ଠାରୁ ଅନୁମୋଦନ ଲାଭ କରିବା ପରେ ୨୯ ଅଗଷ୍ଟ ୨୦୧୯ରେ ଟିଏଫଏଲ ବୋର୍ଡ ପକ୍ଷରୁ ପ୍ରକଳ୍ପ ପାଇଁ ନିବେଶ ମଞ୍ଜୁରି ଦିଆଯାଇଥିଲା। କୋଇଲା ବାଷ୍ପୀକରଣ ଏବଂ ଆମୋନିଆ/ୟୁରିଆ ପ୍ଲାଣ୍ଟ ପାଇଁ ଏଲଏସଟିକେ ଚୁକ୍ତି ୧୧ ଓ ୧୯ ସେପ୍ଟେମ୍ବରରେ ସ୍ୱାକ୍ଷରିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଆଇନଜୀବୀ ସଂଘ



**ଭୁବନେଶ୍ୱର :** ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୩ କୋଟି ଟଙ୍କାରୁ ବୃଦ୍ଧି କରି ୫ କୋଟି ଟଙ୍କା ପ୍ରଦାନ କରିଥିବାରୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଜ୍ଞାନରଞ୍ଜନ ମହାନ୍ତି ଓ ବିଜୁ ଜନତା ଦଳର ଲିଗାଲ୍ ଫ୍ରଣ୍ଟର ରାଜ୍ୟ ଆବାହକ ମିଲନ୍ କାନୁନ୍‌ଗୋଙ୍କ ନେତୃତ୍ୱରେ ଶତାଧିକ ଆଇନ୍‌ଜୀବୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସ ଭବନରେ ସାକ୍ଷାତ କରି କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି। ଦ୍ୱିତୀୟତଃ, ଓଡ଼ିଶାରେ ଅବସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣକୁ ସ୍ୱୀକୃତି ପ୍ରଦାନ କରିଥିବାରୁ ଉପସ୍ଥିତ ସମସ୍ତ ଆଇନଜୀବୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ବଲପୁର, ବରଗଡ, ଯାଜପୁର, ଅନୁଗୁଳ, ନୟାଗଡ଼, ଫୁଲବାଣୀ, ଖୋର୍ଦ୍ଧା ଓ କଟକ ଜିଲ୍ଲାର ବହୁ ଆଇନଜୀବୀ ଏଥିରେ ଯୋଗଦେଇ ଆଗାମୀ ଦିନରେ ଆଇନଜୀବୀ ମାନଙ୍କ ସାମୂହିକ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

# 'ଏକମାତ୍ର' ପ୍ରତିନିଧି କୈଳାସ ବେହେରା ସମ୍ବର୍ଦ୍ଧିତ




**ସୋର :** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଡାଲଙ୍ଗରେ ଥିବା ଚଣ୍ଡିମାତା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର, ଗୋବିନ୍ଦ ଗୋପାଳ ଶତପଥୀ ଏବଂ ଗିରିଧାରୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜ କଲ୍ୟାଣରେ ସ୍ୱେଚ୍ଛାସେବୀଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଂଗଠନର ଉପଦେଷ୍ଟା ଗିରିଧାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦୁଇଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରାଧାକାନ୍ତ ପଣ୍ଡା ଯୋଗଦେଇ ସମାଜସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତନ୍ମଧ୍ୟରେ 'ଏକମାତ୍ର'ର ସ୍ୱତନ୍ତ୍ର ପ୍ରତିନିଧି କୈଳାସ ବେହେରା, ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଦାସ, ରତ୍ନାକର ଦାସ ଏବଂ ସଫଳ ଚାଷୀ ଭାବେ ଭାଗବତ ପରିଡାଙ୍କ ସମେତ ବିଦ୍ୟାଳୟ ସ୍ତରର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ମୁକ୍ତିକାନ୍ତ ପଣ୍ଡା ପରିଚାଳନା କରିଥିଲା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଅନିଲ କୁମାର ବେହେରା। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍‌ର ସମୀକ୍ଷା

**ଭୁବନେଶ୍ୱର:** ଚଳିତ ଫେବୃଆରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍-୨୦୨୦ର ସଫଳ ଆୟୋଜନ ଲାଗି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ଇଭେଣ୍ଟର ଆୟୋଜନ ଲାଗି କଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ବେହେରା ତଦାରଖ କରିଥିଲେ। ଖେଳାଳୀମାନେ ଆସିବାଠାରୁ ଆରମ୍ଭ କରି ଯିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥାର ସୁପରିଚାଳନା ନେଇ ମନ୍ତ୍ରୀ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉଦ୍‌ଘାଟନ ଏବଂ ଉଦ୍‌ଯାପନ ଉତ୍ସବର ସଫଳ ଆୟୋଜନ, କଳିଙ୍ଗ ଷ୍ଟାଡିୟମ, କିଟ୍, କଟକ ସ୍ଥିତ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଆଦି ବିଭିନ୍ନ ସ୍ଥାନରେ ହେବାକୁ ଥିବା ଖେଳର ଆୟୋଜନ ଲାଗି କଣ ପ୍ରସ୍ତୁତି ହୋଇଛି ସେ ବିଷୟରେ ମନ୍ତ୍ରୀ ଶ୍ରୀ ବେହେରା ବରିଷ୍ଠ ଅଧିକାରୀମାନଙ୍କଠାରୁ ଅବଗତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୧୭୭ଟି ବିଶ୍ୱ ବିଦ୍ୟାଳୟ ନାମାଙ୍କନ କରିଥିବା ବେଳେ ୩୦୦୦ ପାଖାପାଖି ଖେଳାଳୀ ଓ ଅଫିସିଆଲ ଏଥବରେ ଅଂଶଗ୍ରହଣ କରିବାର ଆଶା ରହିଛି। ଖେଳାଳୀ ଓ ଅଫିସିଆଲ୍ ମାନଙ୍କ ପାଇଁ କିଟ୍‌ରେ ରହିବାର ବ୍ୟବସ୍ଥା କରାଯାଇଛି। ଏଥିରେ ହେବାକୁ ଥବବା ୧୭ଟି ଇଭେଣ୍ଟ ମଧ୍ୟରୁ ୨ଟି କଟକରେ ଖେଳାଯିବାକୁ ଥିବା ବେଳେ ଅନ୍ୟ ଇଭେଣ୍ଟ ଗୁଡ଼ିକ କଳିଙ୍ଗ ଷ୍ଟାଡିୟମ୍, କିଟ୍ ଏବଂ ସାଇ ଇଂଟରନ୍ୟାସନାଲ, ବାରଙ୍ଗରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ଫେବୃୟାରୀ ୨୧ ତାରିଖରେ କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ଏହି ଖେଳ ପ୍ରତିଯୋଗିତାର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟର ସଫଳ ଆୟୋଜନ ସହ ଏଠାକୁ ଆସୁଥିବା ପ୍ରତ୍ୟେକ ଖେଳାଳୀ ଓ ଅଫିସିଆଲ୍ ଏକ ଭଲ ଅନୁଭବ ନେଇ ଯିବେ ତାହାକୁ ଦୃଷ୍ଟିରେ ରଖିବ ସମସ୍ତ କାର୍ଯ୍ୟକୁ ସଫଳତାର ସହ ଆୟୋଜନ ଲାଗି କ୍ରୀଡ଼ା ବିଭାଗ, ସାଇ, କିଟ୍ ଏବଂ ଖେଳ ଆୟୋଜନକାରୀ ସଂସ୍ଥା ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ। ଓଡ଼ିଶାରେ କ୍ରୀଡ଼ାକୁ ଶିଖରରେ ପହଞ୍ଚାଇବାର ଯେଉଁ ଲକ୍ଷ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖିଛନ୍ତି, ତାହାର ସଫଳ ରୂପାୟନ ସହ ରାଜ୍ୟର ଗରିମାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ କ୍ରୀଡ଼ା ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ।

ଏକମାତ୍ରର ୪ର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ/ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



ରବୀନ୍ଦ୍ରନାଥ ମାଟି
ପ୍ରଧାନ ଶିକ୍ଷକ
ଆଶ୍ରମ ସ୍କୁଲ, ସାନମାଟିକଣା ଟିକିରି
ରାୟଗଡ଼ା



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି